ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୫ ● ୩୧ ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-5 ● 31st January 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

୬ କ୍ରିକେଟର ମୟଙ୍କ ଅଗ୍ରୱାଲ ଆଇସିୟୁରେ ଭର୍ତ୍ତି

ପାଣି ପଞ୍ଚାୟତ ପକ୍ଷ ୨୦୨୪ ଉଦ୍‌ଯାପିତ

ଜଳ ଅମୂଲ୍ୟ, ଏହାର ଉଚିତ ବ୍ୟବହାର କରନ୍ତୁ

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଜଳ ହେଉଛି ଅମୂଲ୍ୟ । ଆପଣ ମାନେ ଜଳର ଉଚିତ ବ୍ୟବହାର କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୃଷକ ଭାଇଭଉଣୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହ ଜଳର ସଂରକ୍ଷଣ ଓ ପୁନଃବ୍ୟବହାର ପାଇଁ ଚେଷ୍ଟା କରନ୍ତୁ । ଫସଲର ବିବିଧକରଣ କରନ୍ତୁ । ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଚାଷ କରନ୍ତୁ । ଏହା ଦ୍ୱାରା ଅଧିକ ଅମଳ କରି ଆପଣମାନେ କୃଷି କ୍ଷେତ୍ରରେ ନିଜେ ସଫଳତା ପାଇବା ସହିତ ରାଜ୍ୟକୁ ଏ କ୍ଷେତ୍ରରେ ଅଗ୍ରଣୀ କରିପାରିବେ ।

ମଙ୍ଗଳବାର ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏପରି କହିଛନ୍ତି ।

ଏହି ଉପଲକ୍ଷେ ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାଣି ପଞ୍ଚାୟତ ଆମ ଚାଷୀ ଭାଇଭଉଣୀମାନଙ୍କୁ ପାଣି ଉପରେ ଅଧିକାର ଦେଇଛି । ଏହାର ସୁବିନିଯୋଗ ପାଇଁ ଦାୟିତ୍ୱ ମଧ୍ୟ ଦେଇଛି । ପାଣି ପଞ୍ଚାୟତ ଦ୍ୱାରା ସେମାନେ ପାଣିର ସଠିକ ଉପଯୋଗ କରିବା ସହିତ ଏକାଠି ହୋଇ କାମ କରିବାର ଇଚ୍ଛା ଶକ୍ତି ଓ ଦକ୍ଷତା ମଧ୍ୟ ବଢିଛି । ପାଣି ପଞ୍ଚାୟତର ସୁବିନିଯୋଗରେ ଆଜି ରାଜ୍ୟର ଚାଷୀମାନେ ଭଲ ଫସଲ କରିପାରୁଛନ୍ତି ବୋଲି ସେ କହିଥିଲେ ।

ଚାଷୀଭାଇମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥଲେ ଯେ ଆଜି ଓଡିଶାରେ ପ୍ରାୟ ୪୦ ହଜାର ପାଣି ପଞ୍ଚାୟତ ଗଠନ ହେଲାଣି । ଏବେ ଏହା ଆଉ ଏକ କାର୍ଯ୍ୟକ୍ରମ ନୁହେଁ, ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଏଥିରେ *(ପୃଷ୍ଠା ୭ରେ)*

ବ୍ରହ୍ମପୁର ଆମ୍ବପୁଆରେ ସଫଳତାର ଟିପ୍ସ ଦେଲେ ୫-ଟି ଅଧ୍ୟକ୍ଷ

ବ୍ରହ୍ମପୁର, ୩୦।୧
ନ୍ୟୁଜ୍ ବ୍ୟୁରୋ

କଠିନ ପରିଶ୍ରମ ହିଁ ସଫଳତାର ଏକାମାତ୍ର ମାଧ୍ୟମ । ୫ ବର୍ଷ ପରିଶ୍ରମ କଲେ ୫୦ ବର୍ଷ ଖୁସିରେ କଟିବ ଜୀବନ । ବ୍ରହ୍ମପୁର ଆମ୍ବପୁଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଗଞ୍ଜାମ ତାଙ୍କ ପ୍ରିୟ ଜିଲ୍ଲା ବୋଲି ସେ କହିଛନ୍ତି । ଜୀବନରେ ସଫଳ ହେବାକୁ ହେଲେ ୬ଟି ଦିଗ ପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଠାକୁର ଆମକୁ ସୁସ୍ଥ ଶରୀର ଉପହାର ଦେଇଛନ୍ତି । ଫିଜିକାଲ ଫିଟନେସ ପାଇଁ ଅଧଘଣ୍ଟା ବ୍ୟାୟାମ କରିବା ନିହାତି ଆବଶ୍ୟକ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପରାର୍ମଶ ଦେଇଛନ୍ତି । ନିଜ ବୁଦ୍ଧିକୁ ଶାନ୍ତିରେ ଉପଯୋଗ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ସେ କହିଛନ୍ତି । ସେହିଭଳି ୧୫ ମିନିଟ ଯୋଗ କଲେ ଆପଣଙ୍କ ଏକାଗ୍ରତା ବଢିବ ବୋଲି ଛାତ୍ରଛାତ୍ରୀଙ୍କୁ ସେ ଉଚିତ ମାର୍ଗ ଦେଖାଇଛନ୍ତି ।

ଦିନକୁ ୧୪ ଘଣ୍ଟା କଠିନ ପରିଶ୍ରମ କଲେ ନିଶ୍ଚିତ ରୂପେ ସଫଳତା ପାଦ ଚୁମିବ ବୋଲି ସେ କହିଛନ୍ତି । ସେ ଏହାର ଉଦାହରଣ ଦେବାକୁ ଯାଇ କ୍ରିକେଟ

କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପରାମର୍ଶ ଦେଇଛନ୍ତି । ବିଶ୍ୱ କପ ହକି ବେଳେ ଅତିଥିଭାବେ ଓଡ଼ିଶା ଆସିଥିବା ବେଳେ ସଚିନ ତେନ୍ଦୁଲକରଙ୍କ ସହ ଆଲୋଚନା କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା । ଏହି ସମୟରେ ସଫଳତା ପାଇଁ ଜୀବନରେ କଣ କରିବାକୁ ପଡିବ ବୋଲି ପଚାରିଥିବା ପ୍ରଶ୍ନର ଅତି ସରଳ ଉତ୍ତର ରଖିଥିଲ ସଚିନ । ସଫଳତା ପାଇଁ କଠିନ ପରିଶ୍ରମ ହିଁ ଏକ ମାତ୍ର ମାଧ୍ୟମ ବୋଲି ସେ କହିଥିଲେ । ତେବେ ସୋସିଆଲ ମିଡ଼ିଆକୁ ଉପଯୁକ୍ତ କାର୍ଯ୍ୟରେ ବ୍ୟବହାର କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।

ସେହିଭଳି ବାପା, ମାଆ ଓ ଗୁରୁଙ୍କୁ ସମ୍ମାନ ଜଣାଇବାକୁ ଶ୍ରୀ ପାଣ୍ଡିଆନ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସରକାରୀ ସ୍କୁଲରେ ବି ପାଠ ପଢି ଅନେକ ବ୍ୟକ୍ତି ସଫଳତାର ସିଡ଼ି ଚଢିପାରୁଥିବା କହିଛନ୍ତି ଶ୍ରୀ ପାଣ୍ଡିଆନ । ଗଞ୍ଜାମର ପାଞ୍ଚ ଜଣ ସଫଳ ବ୍ୟକ୍ତିଙ୍କ ଉଦାହାରଣ ଦେଇଛନ୍ତି । ବ୍ରହ୍ମପୁର ୟୁନିଭରସିଟିରେ ପାଠ ପଢି ୱାଲ୍ଟ ଟପ ମୋଷ୍ଟ ମଲଟି ନ୍ୟାସନାଲ କମ୍ପାନୀର ସିଇଓ ଅଛନ୍ତି ରବି କୁମାର । ସେହିଭଳି କୈଳାଶ ଚନ୍ଦ୍ର ସାହୁ ବ୍ରହ୍ମପୁର ୟୁନିଭରସିଟିରେ ପାଠ ପଢି 'ନାସା'ରେ ଇଞ୍ଜିନିୟର ଅଛନ୍ତି ।

ପଦ୍ମ ପୁରସ୍କାର ପାଇଥିବା କୋଟା ହରି ନାରାୟଣ ସିଟି ହାଇସ୍କୁଲରେ ପାଠ ପଢିଛନ୍ତି । ତେଜସ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଛି । କମଲ ୱେଲ୍ଥ ଗୋଲ୍ଡ ମେଡାଲିଷ୍ଟ ରବି କୁମାର ମଧ୍ୟ ସରକାରୀ ସ୍କୁଲରେ ଶିକ୍ଷା ଲାଭ କରି ଏବେ ଡିଏସପି ଅଛନ୍ତି । ପ୍ରତିବର୍ଷ ନୂଆ ଓ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି ।

ସବୁ ଅଦାଲତଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମକଦ୍ଦମାକାରୀଙ୍କ ଜାତି, ଧର୍ମ ଉଲ୍ଲେଖ କରନାହିଁ

ନୂଆଦିଲ୍ଲୀ, ୩୦।୧

ମାଲି ମକଦ୍ଦମାରେ ଜଡ଼ିତ ଥିବା ବ୍ୟକ୍ତି ବିଶେଷଙ୍କ ଜାତି ଏବଂ ଧର୍ମ ବିଷୟରେ ଦସ୍ତାବିଜ୍‌ରେ ଉଲ୍ଲେଖ ନ କରିବାକୁ ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟ ଏବଂ ତଳ କୋର୍ଟଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ମକଦ୍ଦମା ସମ୍ବନ୍ଧିତ ଦସ୍ତାବିଜରେ ଆବେଦନକାରୀଙ୍କ ଜାତି ଏବଂ ଧର୍ମ ଉଲ୍ଲେଖ ରହିବା ଉଚିତ ନୁହେଁ ବୋଲି ଜଷ୍ଟିସ ହିମା କୋହଲି ଏବଂ ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାହଙ୍କ ଖଣ୍ଡପୀଠ କହିଛନ୍ତି । ରାଜସ୍ଥାନ ଫ୍ୟାମିଲି କୋର୍ଟରେ ବିଚାରାଧୀନ ଏକ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line : Sales : 7873770000

ଏକାଳ ପଖାଳ

ଥୋପ ପକେଇବା ପ୍ରତିଯୋଗୀତାରେ
ନେତା ମାନନ୍ତିନି କିଛି
ଦଳଗୁଡା ସବୁ ଶକ୍ତି ମୂତାବକ
ଯୋଜନା ଦିଅନ୍ତି ବିଞ୍ଚି
କେତେ ବୁଦ୍ଧିଛନ୍ତି ପାଞ୍ଚି
ଆହାରେ ଜନତା କେବେତୁ ବୁଝିବୁ
ନପାରିଲେ ଦେବେ କେଞ୍ଚି ।

ଅନ୍ତଃରାଜ୍ୟ ବରମୁଣ୍ଡା ବସ୍ ଟର୍ମିନାଲ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଭୋର ସମୟରେ ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ନିର୍ମାଣାଧୀନ ଆନ୍ତଃ ରାଜ୍ୟ ବସ ଟର୍ମିନାଲ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟ ଅଗ୍ରଗତିର ତଦାରଖ କରିଛନ୍ତି । ଏହି ପ୍ରକଳ୍ପ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି । ଏହା କେବଳ ଓଡ଼ିଶାବାସୀଙ୍କ ପାଇଁ ନୁହେଁ, ବରଂ ପଡୋଶୀ ରାଜ୍ୟର ଲୋକଙ୍କ ପାଇଁ ବି ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାଞ୍ଜିଟ ହବ ହେବ । ଫେବୃଆରୀ ମଧ୍ୟଭାଗ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ୫-ଟି ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି ।

ଆଇଏସବିଟି ବସଷ୍ଟାଣ୍ଡରେ ମିଳିବ ବିମାନବନ୍ଦରର ସୁବିଧା । ଏଠାରେ ପ୍ରିପେଡ ଅଟୋ ଓ ଟ୍ୟାକ୍ସି ବ୍ୟବସ୍ଥା ମଧ୍ୟ ରହିବ ।

ଆଇଏସବିଟି ସ୍ଥଳକୁ ଯାଇ ୫-ଟି ଅଧ୍ୟକ୍ଷ ଯାତ୍ରୀଙ୍କ ପାଇଁ *(ପୃଷ୍ଠା ୭ରେ)*

ପାଠ ପରେ ୨ ବର୍ଷ ସରକାରୀ ଚାକିରି କର, ନଚେତ ଷ୍ଟାଇପେଣ୍ଡର ଦୁଇ ଗୁଣା ଫେରାଅ

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ସରକାରୀ ମେଡିକାଲ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କଡ଼ାକଡ଼ି କରାଯାଇଛି ବଣ୍ଡ ନିୟମ । ପାଠ ପଢା ସରିବା ପରେ ୨ ବର୍ଷ ସରକାରୀ ହସ୍ପିଟାଲରେ କାମ କରିବାକୁ ବାଧ୍ୟ ନ ହେଲେ ପାଠପଢା ସମୟରେ ପାଇଥିବା ଷ୍ଟାଇପାଣ୍ଡେ ବା ଦରମାର ଦୁଇ ଗୁଣ ଟଙ୍କା ଦେବାକୁ ପଡ଼ିବ । ଏପରି କଡ଼ାକଡ଼ି ନିର୍ଦ୍ଦେଶାବଳୀ ଜାରି କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ।

ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ,

ରାଜ୍ୟର ସରକାରୀ ମେଡିକାଲ କଲେଜ ବା ସର୍ବଭାରତୀୟ ସ୍ତରୀୟ କୋଟାରେ ଏମ୍‌ବିବିଏସ୍ ଓ ବିଡିଏସ୍ ପଢ଼ିବାକୁ ହେଲେ ନୂଆ ବଣ୍ଡ ଦାଖଲ କରିବାକୁ ପଡିବ । ଏହି ବଣ୍ଡ ଅନୁସାରେ ପାଠ ପଢ଼ି ସାରିବା ପରେ ୨ ବର୍ଷ ସରକାରୀ ହସ୍ପିଟାଲରେ କାମ କରିବାକୁ ପଡ଼ିବ । ବଣ୍ଡ ଦାଖଲ ନ କଲେ ନାଁ ଲେଖା ଯାଇପାରିବ ନାହିଁ । ଡିଏମ୍‌ଇଟି ଏହା ସୁନିଶ୍ଚିତ କରିବେ ।

ଯଦି ଦୁଇ ବର୍ଷ କାମ ନ କରିବେ, ତେବେ ପାଠ ପଢା ବେଳେ ପାଇଥିବା ଦରମା ଓ ଷ୍ଟାଇପେଣ୍ଡର ଦୁଇ ଗୁଣା ଟଙ୍କା ଦେବାକୁ ପଡ଼ିବ । ଯିଏ ଉଚ୍ଚ ଶିକ୍ଷା କରିବ, ତାଙ୍କ ପାଇଁ ବଣ୍ଡ ନିୟମ ଲାଗୁ ହେବନି । କିନ୍ତୁ ଉଚ୍ଚ ଶିକ୍ଷା ପରେ ସେ ଦୁଇ ବର୍ଷ ସରକାରୀ ହସ୍ପିଟାଲରେ କାମ କରିବେ । ଏଥିପାଇଁ କୋର୍ଟରେ ଏକ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ । ଡିଏମଇଟିଙ୍କଠାରୁ *(ପୃଷ୍ଠା ୭ରେ)*

ବିଧାନସଭାର ଶେଷ ଅଧିବେଶନ ଲାଗି ଫେବୃଆରୀ ୪ରେ ବସିବ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଫେବୃୟାରୀ ୫ ତାରିଖରୁ ଷୋଡଶ ବିଧାନସଭାର ୧୫ ତମ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏହା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ଆସନ୍ତା ୪ତାରିଖ ସନ୍ଧ୍ୟାରେ ସର୍ବଦଳୀୟ ବୈଠକ ବସିବ । ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ଏହି ସର୍ବଦଳୀୟ ବୈଠକ *(ପୃଷ୍ଠା ୭ରେ)*

ଉଚ୍ଚତର ଶିକ୍ଷା ପାଇଁ ଅନାଥ ଓ କିନ୍ନରମାନଙ୍କୁ ମିଳିବ ସହାୟତା

ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ସାମିଲ କଲେ ସରକାର

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଏଣିକି ଉଚ୍ଚତର ଶିକ୍ଷା ପାଇଁ ଅନାଥ, ବାଲ୍ୟ ବିବାହ ସମୟରେ ଉଦ୍ଧାର ହେଉଥିବା ବାଳିକା ଏବଂ କିନ୍ନର ଶିଶୁମାନଙ୍କୁ ସହାୟତା ମିଳିବ । ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ପାଇଁ ସେମାନଙ୍କୁ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ସାମିଲ କରାଯାଇଛି । ୨୦୨୩-୨୪ ଶିକ୍ଷାବର୍ଷରୁ ସେମାନଙ୍କୁ ଏହି ସୁବିଧା ମିଳିବ । ୨୦୧୮-୧୯ ବର୍ଷରୁ ରାଜ୍ୟରେ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା କାର୍ଯ୍ୟକାରୀ *(ପୃଷ୍ଠା ୭ରେ)*

ଗଞ୍ଜାମର ସୁନାପୁର ବିଚ୍‌କୁ ଅନ୍ତର୍ଜାତୀୟ ବ୍ଲୁ ଫ୍ଲାଗ ବିଚର ମାନ୍ୟତା

ଭୁବନେଶ୍ୱର, ୩୦।୧
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ସୁନାପୁର ବିଚକୁ ଅନ୍ତର୍ଜାତୀୟ ବ୍ଲୁ ଫ୍ଲାଗ ବିଚର ମାନ୍ୟତା ମିଳିଛି । ଏନେଇ ସୋସିଆଲ ମିଡିଆ ହ୍ୟାଣ୍ଡଲ ଏକ୍ସରେ ଫଟୋ *(ପୃଷ୍ଠା ୭ରେ)*

ଉଦ୍‌ବେଗଜନକ ଭାବରେ ତରଳୁଛି ଗ୍ରୀନ୍‌ଲାଣ୍ଡ

ୱାଶିଂଟନ, ୩୦।୧

ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ଜେଟ ପ୍ରପଲନ୍ସ ପରୀକ୍ଷାଗାରର ଏକ ସଦ୍ୟ ଅଧ୍ୟୟନ ବରଫ ଦେଶ ଗ୍ରୀନଲାଣ୍ଡ ସମ୍ପର୍କରେ ଏକ ଚିନ୍ତାଜନକ ନିର୍ଯାସ ଆଣିଛି । ଗ୍ରୀନଲାଣ୍ଡର ବରଫଖଣ୍ଡଗୁଡ଼ିକ କଳ୍ପନାତୀତ ଭାବେ ତରଳି ଜଳବାୟୁ ପରିବର୍ତ୍ତନର ଆଶଙ୍କାକୁ ସ୍ପଷ୍ଟ କରିଛି । ଚାରି ଦଶନ୍ଧିର ଉପଗ୍ରହ ଚିତ୍ରକୁ ବିଶ୍ଳେଷଣ କରି ଗଚ୍ଛିତ ବରଫ ତରଳି ସେଥିରେ ପ୍ରାୟ ୨୧ ପ୍ରତିଶତ ହ୍ରାସ ଘଟିଥିବା ଜଣାଯାଇଛି । ନେଚର ପତ୍ରିକାରେ ପ୍ରକାଶିତ ଏ ସଂକ୍ରାନ୍ତ ବିସ୍ତୃତ ବିବରଣୀ ଅନୁଯାୟୀ, ୧୯୮୫ରୁ ୨୦୨୨ ଯାଏ ଗ୍ରୀନଲାଣ୍ଡର ବରଫ ସ୍ଥିତିକୁ ଅନୁଧ୍ୟାନ କରାଯାଇଥିଲା । ତେବେ ଆଶ୍ଚର୍ଯ୍ୟର କଥା, ସେଠାରେ ଥିବା ମୋଟ ୨୦୭ଟି ହିମଶୈଳ ମଧ୍ୟରୁ ୧୭୯ଟି ହିମଶୈଳର ସ୍ଥିତି ଉଲ୍ଲେଖନୀୟ ଭାବେ ପଛକୁ ଫେରିଥିବା ଜଣାଯାଇଛି ।

ଏଭଳି ପରିବର୍ତ୍ତନ ମୁଖ୍ୟତଃ ଗ୍ରୀନ୍‌ଲାଣ୍ଡର ସମୁଦ୍ର ପତ୍ତନ ତଳେ ଘଟିଛି, ଯେଉଁଠି ପ୍ରାଚୀନ ହିମଶୈଳ ଛିଡ଼ା ହୋଇଥିଲା । ବିଗତ ୪୦ ବର୍ଷ ଭିତରେ ସେଠାକାର ବରଫରେ ପ୍ରାୟ ୧,୧୪୦ ବିଲିଅନ ଟନ ହ୍ରାସ ହୋଇଛି । ୨୦୦୦ ମସିହା ପରେ ଏହି ହ୍ରାସ ପରିମାଣ ଅଧିକ ରହିଛି । ବିଶ୍ୱର ପାଣିପାଗ ଢାଞ୍ଚା ଓ ପରିବେଶ ପ୍ରଣାଳୀର ସୁଦୂରପ୍ରସାରୀ ପ୍ରଭାବ ଯୋଗୁଁ ଏପରି ହୋଇଥିବା ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ।

ଛତିଶଗଡ଼ରେ ନକ୍ସଲ-ସୁରକ୍ଷାକର୍ମୀ ଏନ୍‌କାଉଣ୍ଟର ୩ ଯବାନ ସହିଦ, ୧୪ ଆହତ

ରାୟପୁର, ୩୦।୧

ଛତିଶଗଡ଼ର ବିଜାପୁର-ସୁକମା ସୀମାରେ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ଏହି ଏନକାଉଣ୍ଟରରେ ୩ ଜଣ ଯବାନ ସହିଦ ହୋଇଥିବାବେଳେ ୧୪ ଆହତ ହୋଇଛନ୍ତି । ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଏବଂ ନକ୍ସଲ ଗତିବିଧି ଉପରେ ନଜର ରଖିବା ପାଇଁ ସୁକମାର ତେକାଲଗୁଡେମ ଗ୍ରାମରେ ମଙ୍ଗଳବାର ଏକ ସୁରକ୍ଷା ଶିବିର ସ୍ଥାପନ କରାଯାଇଥିଲା । କ୍ୟାମ୍ପ ସ୍ଥାପନ ପରେ ଜିଲ୍ଲା ରିଜର୍ଭ ଗାର୍ଡ, କୋବ୍ରା ବାଟାଲିୟନ ଓ ସ୍ପେଶାଲ ଟାସ୍କ ଫୋର୍ସ ପାଟ୍ରୋଲିଂ କରୁଥିଲେ । ଏହି

ସମୟରେ ନକ୍ସଲମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲେ, ଯାହାର ଜବାବ ସୁରକ୍ଷାବାହିନୀ ଦେଇଥିଲା ।

କ୍ୟାମ୍ପ କାର୍ଯ୍ୟକ୍ଷମ ହେବାର ୨୪ ଘଣ୍ଟା ମଧ୍ୟରେ ଏହି ଆକ୍ରମଣ ହୋଇଥିଲା । ନକ୍ସଲଙ୍କ ଗୁଳିମାଡ଼ର ଜବାବ ଦିଆଯାଇଥିଲା । ସୁରକ୍ଷାବାହିନୀ ପକ୍ଷରୁ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର,୩୧ ଜାନୁଆରୀ, ବୁଧବାର, ୨୦୨୪

ଏସ୍‌ସିବିରେ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ପାଇଁ ଯୋଜନା

ଉଭୟ ଓପିଡି ଓ ଆଇପିଡିରେ ରହିବ ରୋଗୀଙ୍କ ୟୁନିକ୍ ଆଇଡି

କଟକ,ନ୍ୟୁଜ୍‌ବ୍ୟୁରୋ

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବଂ ସ୍ପଷ୍ଟ ହସ୍ତାକ୍ଷରରେ ରୋଗୀଙ୍କୁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଦିଆଯିବାକୁ ନେଇ ଚିନ୍ତା ବଢିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ବି ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଅନେକ ଡାକ୍ତର ସ୍ପଷ୍ଟ ଅକ୍ଷରରେ ପ୍ରେସକ୍ରିପସନ୍ ଲେଖିଥିବା ବେଳେ ଅଧିକାଂଶ ଡାକ୍ତରଙ୍କର ପ୍ରେସକ୍ରିପସନ୍ ପଢିବା ଯୋଗ୍ୟ ହୋଇପାରୁନି। ଏଥିପାଇଁ ଏବେ କଟକ ବଡ଼ଡାକ୍ତରଖାନାରେ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ଦିଆଯିବା ଯୋଜନା ଆରମ୍ଭ ହୋଇଛି। ଯୋଜନା ଅନୁଯାୟୀ ଉଭୟ ଓପିଡି ଓ ଆଇପିଡିରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଓକାକ୍ ମାଧ୍ୟମରେ ପ୍ରତି ଓପିଡି ଓ ଆଇପିଡିରେ କମ୍ପ୍ୟୁଟର ବ୍ୟବସ୍ଥା କରାଯିବ। ଯାହାକି ଇଣ୍ଟରକନେକ୍ଟ ରହିବ। ପ୍ରତି ରୋଗୀଙ୍କ ୟୁନିକ୍ ଆଇଡି ରହିବ ଓ ସ୍ୱତନ୍ତ୍ର ଡାଟା ଏଣ୍ଟ୍ରି

ଅପରେଟର ନିଯୁକ୍ତ ହେବେ। ସେ ଡାକ୍ତରଙ୍କ ଚିଠାକୁ ନେଇ କମ୍ପ୍ୟୁଟର ମାଧ୍ୟମରେ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ଦେବେ। ଏହାକୁ ନେଇ ଏବେ କାମ ଆରମ୍ଭ ହୋଇଛି। କାମ ସରିବା ପରେ ରୋଗୀଙ୍କୁ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ଦିଆଯିବ ବୋଲି କହିଛନ୍ତି ଏସ୍‌ସିବିର ଅଧୀକ୍ଷକ (ସାଧାରଣ) ଡକ୍ଟର ଅବିନାଶ ରାଉତ୍। ପ୍ରେସକ୍ରିପସନ୍ ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ସ୍ପଷ୍ଟ ଓ ବଡ଼ ଅକ୍ଷରରେ ଲେଖିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ସମସ୍ତ ଡାକ୍ତରଙ୍କୁ ନିର୍ଦ୍ଦେଶନାମା ଜାରି କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଯଦିଓ ପ୍ରିଣ୍ଟେଡ ପ୍ରେସକ୍ରିପସନ୍ କଥା କୁହାଯାଉଛି, କିନ୍ତୁ ତାହା କିଭଳି ଠିକ ଢଙ୍ଗରେ କାର୍ଯ୍ୟକାରୀ ହେବ, ତାହାକୁ ନେଇ ସନ୍ଦେହ ବଢୁଛି। କଟକ ବଡ ଡାକ୍ତରଖାନା ଓପିଡିକୁ ପ୍ରତିଦିନ ହାରାହାରି ଭାବେ ୭ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏହା ବ୍ୟତୀତ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ଶିଶୁଭବନ, ସିଟି ହସ୍ପିଟାଲ, ପିଏଚ୍‌ସି, ସିଏଚ୍‌ସିକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ମିଶାଇଲେ ପ୍ରତ୍ୟେକ ରୋଗୀଙ୍କୁ ପ୍ରିଣ୍ଟେଡ ପ୍ରେସକ୍ରିପସନ ଦିଆଯିବା ବ୍ୟବସ୍ଥାର ପରିଚାଳନାକୁ ନେଇ ସନ୍ଦେହ ରହୁଛି। ଯଦିଓ ଘରୋଇ ହସ୍ପିଟାଲରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସମସ୍ୟା ହେବ ନାହିଁ କିନ୍ତୁ ସରକାରୀ ଡାକ୍ତରଖାନାରେ ଏହାର ସଫଳ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ବଢୁଛି।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ପଦ୍ମଶ୍ରୀ, ଜ୍ଞାନପୀଠ, କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଓ ବିଭିନ୍ନ ପୁରସ୍କାର ବିଜେତା ହେବେ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ତାରିଖରୁ ତିନି ଦିନ ଧରି ସ୍ଥାନୀୟ ଜନତା ମଇଦାନ ଠାରେ ଆୟୋଜିତ ହେବ। ଏଥିରେ ଦେଶ ବିଦେଶର ଐତିହାସିକ, ଭାଷାବିତ୍, ଗବେଷକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଯୋଗଦେଇ ଓଡ଼ିଆ ଭାଷାର ମହନୀୟ ଅତୀତ ଓ ଭବିଷ୍ୟତର ପ୍ରାସଙ୍ଗିକତା ସମ୍ପର୍କରେ ତର୍କ ଭିତ୍ତିକ ଓ ମାର୍ମିକ ତର୍ଜମା କରିବେ। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭାଷା, ସାହିତ୍ୟ, କଳାକୃତି ଆଦି କ୍ଷେତ୍ରରେ ଅବଦାନ ଥିବା ତଥା ବିଭିନ୍ନ ପୁରସ୍କାର ବିଜେତା ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ମହାନ ଐତିହାସିକ ପଦ୍ମଶ୍ରୀ ହରମାନ କୁଲକେଙ୍କ ସମେତ ପଦ୍ମ ପୁରସ୍କାର ବିଜେତା ୫୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିଭଳି ଜ୍ଞାନପୀଠ ପୁରସ୍କାର ପାଇଥିବା ଏବଂ ଜୀବନବ୍ୟାପୀ ସାଧନା ନିମନ୍ତେ ମଧ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ମାନଙ୍କୁ ପୁରସ୍କୃତ କରାଯିବ। ଏତଦବ୍ୟତୀତ କେନ୍ଦ୍ର ସାହିତ୍ୟ ଏକାଡେମୀ, ସରସ୍ୱତୀ ସମ୍ମାନ ଓ ମୂର୍ତ୍ତିଦେବୀ ପୁରସ୍କାରପ୍ରାପ୍ତ ବିଜେତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଅନ୍ୟପକ୍ଷରେ ଜୟଦେବ, ଧର୍ମପଦ, ଅତିବଡ଼ି ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନ ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ।

ଏହି ସମ୍ମିଳନୀକୁ ଆହୁରି ବ୍ୟାପକ କରିବା ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସ୍ୱରୂପ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର, ପ୍ରଥମ ପ୍ରିଣ୍ଟିଂ ପ୍ରେସ ଓ ବିଭିନ୍ନ କଳାକୃତି ଆଦି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ କଳାକୃତିକୁ ପ୍ରୋତ୍ସାହିତ କରିବାକୁ ସମ୍ମିଳନୀରେ ବ୍ୟାପକ ଆୟୋଜନ କରାଯାଉଛି। ଏଥିରେ ସବୁ ବର୍ଗର ବ୍ୟକ୍ତିବିଶେଷ ସାମିଲ ହୋଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ଏଠାକୁ ଆସି ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରିବା ସହ ଅଭୁଲା ସ୍ମୃତି ନେଇ ଯିବେ ଏଥିନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ବୌଦ୍ଧଜିଲ୍ଲା ବାରିକସଂଘର ସାଧାରଣ ବୈଠକ

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ବୌଦ୍ଧ ଜିଲ୍ଲା ବାରିକ ସଂଘ ପ୍ରଥମ ସାଧାରଣ ବୈଠକ ହନୁମାନ ମନ୍ଦିର ନିକଟସ୍ଥ ବିଶ୍ରାମାଗାରରେ ଅନୁଷ୍ଠିତ ହୋଇଯାଇଛି। ବାରିକ ସଂଘର ନିଷ୍ପତ୍ତି କ୍ରମରେ ସମସ୍ତ ସଭ୍ୟ ଦୋକାନ ବନ୍ଦ ରଖି ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ସଭାପତି ବେଣୁଧର ସାମଲଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ପାଦକ ତନୁଜ ବାରିକ୍ ତାଙ୍କ ସଂପାଦକୀୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ସନ୍ତୋଷ ବାରିକ, କୋଷାଧ୍ୟକ୍ଷ ଶ୍ରବଣ ବାରିକଙ୍କ ଉପସ୍ଥିତିରେ ବାରିକ ସମାଜ କିପରି ଉପକୃତ ହେବ ଏବଂ ତାଙ୍କର କିପରି ଉନ୍ନତି ହେବ ସେ ନେଇ ଆଲୋଚନା ହୋଇଥିଲା। ଉପଦେଷ୍ଟା ତପନ ବାରିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)

B-1698

File No. B-I-SIRD&P.R.-01/2023 Lr. No. 2882 Dt. 19th Jan. 2024

Invitation for Bids

Bid Identification No. C.E.-CUM-ADDL. SECY. (B) – 58 / 2023-24

1.	The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **"Construction of Residential Hostel (G+4) for participant with capacity of 100 Rooms at SIRD&PR, Bhubaneswar for the year 2023-24" amounting to Rs.11,50,00,000/- (Approximate)** as detailed below.		
2.	Nature of work	:	Building work
3.	No. of work	:	01 No.
4.	Bid Cost.	:	₹10,000/-
5.	Class of Contractor	:	**'A'/ Special Class**
6.	Availability of Bid Documents in the website	:	**From dt.31.01.2024 to 17.00 Hours of dt.15.02.2024**
7.	Date of Opening of Bids	:	**Dt.16.02.2024 at 11:30 AM.**
8.	The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.		

OIPR-34117/11/0097/2324

Sd/- Chief Engineer-cum-Addl. Secretary, Works Dept., Odisha

ବିକାଶର ଆଲୋକ ଦେଖିଲା ବଣମୂଲକ : ଶିମିଳିପାଳର ୪୨ ଗାଁ'ରେ ପହଞ୍ଚିଲା ବିଜୁଳି

ବାଲେଶ୍ୱର, ନ୍ୟୁଜ୍

ସତ ହେଲା ସ୍ୱପ୍ନ। ପୂରଣ ହେଲା ଦୀର୍ଘ ଦିନର ଆଶା। ବିଜୁଳି ଆଲୁଅ ଦେଖିଲା ଅନ୍ଧାରୀ ଇଲାକା। ପାହାଡ଼ ଜଙ୍ଗଲ ଘେରା ଶିମିଳିପାଳରେ ବସବାସ କରୁଥିବା ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୩ପଞ୍ଚାୟତର ୨୩ଶହରୁ ଅଧିକ ପରିବାରଙ୍କ ଘରେ ପହଞ୍ଚିଛି ବିଜୁଳି। ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ପ୍ରୟାସର ଅଦମ୍ୟ ପ୍ରଚେଷ୍ଟା ବଳରେ ସମ୍ପୃକ୍ତ ଅଞ୍ଚଳକୁ ସୌର ଶକ୍ତି ଜରିଆରେ ବିଜୁଳି ସେବା ଉପଲବ୍ଧ କରାଯାଇ ପାରିଛି। ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହାର ଲୋକାର୍ପଣ କରାଯାଇଛି। ଏହା ଦ୍ୱାରା ଅସ୍ତକୁଅଁର, ଗୁଡ଼ଗୁଡ଼ିଆ ଏବଂ ବରେଇପାଣି ପଞ୍ଚାୟତର ୪୨ଟି ଗାଁର ୬ହଜାରରୁ ଅଧିକ ଅଞ୍ଚଳବାସୀ ଉପକୃତ ହେବେ। ଲୋକାର୍ପଣ ଅବସରରେ

ଭିଡିଓ ବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ବିଜୁ ଗ୍ରାମ ଜ୍ୟୋତି ଯୋଜନା ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ପାଇଁ ୧୮ଟି ଗ୍ରିଡ୍ ଲୋକାର୍ପିତ କରି ମୁଁ ବହୁତ ଖୁସି। ଏହା ଦ୍ୱାରା ୨୩ଶହରୁ ଅଧିକ ଘରକୁ ବିଦ୍ୟୁତ ସେବା ମିଳିବ। ଜଙ୍ଗଲ ଅଞ୍ଚଳରେ ରହୁଥିବା ଜନଜାତି ଅଞ୍ଚଳର ଲୋକଙ୍କ ସୁବିଧା ପାଇଁ ବିଶେଷ କରି ଶିମିଳିପାଳ ଅଞ୍ଚଳର ରହିଥିବା ଭାଇ ଭଉଣୀଙ୍କ ପାଇଁ ଆମେ ସୋଲାର ପାୱାରର ବ୍ୟବସ୍ଥା କରିଛୁ। ଏହା ଦ୍ୱାରା ସେମାନେ ବହୁତ ସୁବିଧା ପାଇବେ। ବିଶେଷତଃ ପିଲାମାନଙ୍କୁ ପାଠପଢିବାରେ ବହୁତ ସୁବିଧା ହେବ। ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଓଡ଼ିଶାରେ ସୋଲାର ମାଇକ୍ରୋଗ୍ରିଡ୍ ଏବଂ ଷ୍ଟାଣ୍ଡଡ୍ରୋନ ପ୍ରକଳ୍ପ କାର୍ଯ୍ୟ କରି କରିଥିବାବେଳେ ବିଜୁ ଗ୍ରାମ ଜ୍ୟୋତି ଯୋଜନା ଅଧୀନରେ ଏଥି ପାଇଁ ୩୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳର ୬ହଜାରରୁ ଅଧିକ ଘରକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିବା ସେ ଦର୍ଶାଇଥିଲେ। ବିକାଶର ସୁଫଳ ସମସ୍ତଙ୍କୁ ମିଳିବ। ଜଣେ ଲୋକ ବି ଏଥିରୁ ବଞ୍ଚିତ ହେବ ନାହିଁ ବୋଲି ସେ କହିଥିଲେ। ଏଥି ସହ ଟିପିଏନଓଡିଏଲର ଉଦ୍ୟମ ପାଇଁ ଧନ୍ୟବାଦ ମଧ୍ୟ ଦେଇଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଗ୍ରିଡଗୁଡିକର ଲୋକାର୍ପଣ କରିଥିବାବେଳେ ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହଂସଦା, ଜିଲ୍ଲାପାଳ ଭିନୀତ ଭରଦ୍ୱାଜ, ଗ୍ରାମ୍ୟ ବିଦ୍ୟୁତକରଣ ଉପଦେଷ୍ଟା ଦୀପ୍ତିମାନ ବଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର
G-33
ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ
ଜିଲ୍ଲା-ବୌଦ୍ଧ
ଇ-ମେଲ୍ : mo.miningoffiicerboudh@gmail.com
No.10 ତା. 25.01.2024

ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି

ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ୍ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ତିନି ସଂଖ୍ୟକ ଲଘୁଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।

ତଦନୁସାରେ କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।

ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ https://www.mstcecommerce.com ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରାଯାଇପାରିବ।

ଆଗ୍ରହୀ ବିଡ଼ରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜିକୃତ କରିପାରିବେ। ସଫଳ ପଞ୍ଜିକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡ଼ରମାନେ ଲଗ୍‌ଇନ୍ ଆଇଡି ଏବଂ ପାସୱାର୍ଡ଼ ପାଇବେ। ମଡ଼େଲ ଟେଣ୍ଡର ଡକ୍ୟୁମେଣ୍ଟ୍ ଏବଂ ମିନେରାଲ ବ୍ଲକ୍ ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣରେ ଉପଲବ୍ଧ।

ଇଚ୍ଛୁକ ବିଡ଼ରମାନେ ନିଜର ଲଗ୍‌ଇନ୍ ୟୁଜର ID ଏବଂ ପାସୱାର୍ଡ଼ ବ୍ୟବହାର କରି ଫର୍ମ-M ରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମପ୍ର ସଫଳ ଦାଖଲ ପାଇଁ ବିଡରକମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡ଼ର ମାନୁଆଲ'କୁ ଅନୁସରଣ କରିବା ଉଚିତ। ଇ-ଟେଣ୍ଡର ଦାଖଲ ପାଇଁ ବିଡ଼ରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟ୍‌ରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।

ସମୟ ସାରଣୀ :
ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଶେଷ ତାରିଖ : 16.02.2024
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ : 17.02.2024
ନିଲାମ ତାରିଖ : 29.02.2024

କ୍ୱାରୀଗୁଡ଼ିକର ତାଲିକା :

କ୍ର. ନଂ.	କ୍ଷେତ୍ର	ଜିଲ୍ଲା	ତହସିଲ	ମୌଜାର ନାମ	ମିନେରାଲ	ଲାଣ୍ଡ ସେଡ୍ୟୁଲ					ପରିମାଣ	MAC per M³ (in Rs.)	MGQ per year
						ମୌଜା	ଖତିୟାନ ନଂ.	ପ୍ଲଟ ନଂ.	କିସମ	କ୍ଷେତ୍ରଫଳ (Hects)			
୧	ଫୁଲ ବାଣୀ	ବୌଦ୍ଧ	କଣ୍ଧ ମାଳ	ବିକ୍ରମପୁର ପଥର ଖଣି (କ)	ପଥର	ବିକ୍ରମ ପୁର	୩୨	୧୦୯	ପଥର ବଣି	୧.୨୧୪	୬୦,୦୦୦	୨୩୦	୧,୨୦୦
୨	ଫୁଲ ବାଣୀ	ବୌଦ୍ଧ	କଣ୍ଧ ମାଳ	ବିକ୍ରମପୁର ପଥର ଖଣି (ଖ)	ପଥର	ବିକ୍ରମ ପୁର	୩୨	୧୦୯	ପଥର ବଣି	୧.୦୨୮	୩୫,୦୦୦	୨୩୦	୧,୦୦୦
୩	ଫୁଲ ବାଣୀ	ବୌଦ୍ଧ	କଣ୍ଧ ମାଳ	ଲୋକାପଡା ବାଲି ଘାଟ	ବାଲି	ଲୋକା ପଡା	୧୭୫	୨୫୩	ନଦୀ	୫.୦୦୦	୫୦,୦୦୦	୧୬୫	୧୦,୦୦୦

OIPR-30033/11/0001/2324

ସ୍ୱା/- ଖଣି ଅଧିକାରୀ, ବୌଦ୍ଧ

ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ ଓ 'ଗାଁର ମହକ' ପତ୍ରିକା ଲୋକାର୍ପିତ

କଟକ,ନ୍ୟୁଜ୍‌ବ୍ୟୁରୋ

କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ ଚକାପଦା - ହରିରାଜପୁର ଗ୍ରାମସ୍ଥ ପ୍ରସିଦ୍ଧ ଶୈବପୀଠ ଅଖଣ୍ଡ କ୍ଷେତ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଗାଁର ମହକ' ଲୋକାର୍ପଣ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। କବୟିତ୍ରୀ ଶକୁନ୍ତଳା ମଲ୍ଲିକଙ୍କ ସଂଯୋଜନାରେ ଆବାହନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲଙ୍କ ଓ ପ୍ରତିଷ୍ଠାତା ସଦସ୍ୟ ଲଲାଟେନ୍ଦୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଙ୍କୀର ପୂର୍ବତନ ବିଧାୟକ ଡକ୍ଟର ଦେବାଶିଷ ପଟ୍ଟନାୟକ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଓ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ସମାଜରେ ସାହିତ୍ୟିକ ଓ କବିମାନେ ଦ୍ୱିତୀୟ ଈଶ୍ୱର ଓ ସେମାନଙ୍କର ଅନବଦ୍ୟ ସୃଷ୍ଟି ସମାଜକୁ ଆଲୋକ ଦେଖାଇଥାଏ ବୋଲି ତାଙ୍କର ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ପ୍ରାରମ୍ଭରୁ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି କୌଶିକ ନାୟକ, ଶିଶୁକବି ବିଦ୍ୟୁଲତା ଭୂୟାଁ, ସମାଜସେବୀ କେଶବ ଚନ୍ଦ୍ର ବେହେରା ଓ କବି ସୁବ୍ରତ ନାୟକ ଯୋଗଦାନ କରି କବି ଓ କବିତା ଉପରେ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ଅନୁଗୁଳ, କଟକ, ଢେଙ୍କାନାଳ, ଜଗତସିଂହପୁର, ଜାଜପୁର, ପୁରୀ, ନୟାଗଡ଼, ଖୋର୍ଦ୍ଧା ଓ କନ୍ଧମାଳ ଆଦି ବିଭିନ୍ନ ଜିଲ୍ଲାରୁ ଶତାଧିକ କବି, କବୟିତ୍ରୀ, ସମାଜସେବୀ, ସଂସ୍କୃତି ପ୍ରେମୀ ଓ ସଂଗଠକମାନେ ଯୋଗଦାନ କରି ନିଜ ନିଜର ସ୍ୱରଚିତ କବିତାମାନ ପାଠ କରିଥିଲେ। କବିତା ପାଠୋତ୍ସବ ବରିଷ୍ଠ ସଂଯୋଜକ କବି ବଂଶୀଧର ମହାପାତ୍ର, କବୟିତ୍ରୀ ଶକୁନ୍ତଳା ମଲ୍ଲିକ ଓ ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ ସଂଯୋଜନା କରିଥିଲେ ବେଳେ ଆଧ୍ୟାତ୍ମିକ ଗୁର

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଜାନୁଆରୀ ୨୦୨୪ ବୁଧବାର

ଏମ୍‌ସ୍‌ରୁ ଧଉଳି ୨୦୦ ଫୁଟିଆ ରାସ୍ତା ଯୋଜନା

ବାଧକ ହେବ ଅଣଓସାରିଆ ଏମ୍‌ସ୍ ଅଣ୍ଡରପାସ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଏମ୍‌ସ୍ ଛକରୁ ଧଉଳି ପର୍ଯ୍ୟନ୍ତ ଫିଟିବ ରାସ୍ତା। ଏବରଙ୍ଗ, ରଣସିଂହପୁଟ, ସରକନ୍ତରା ଦେଇ ଜୟପୁର ପର୍ଯ୍ୟନ୍ତ ରାସ୍ତା ତିଆରି ହେବ। ସେଠାରୁ ଧଉଳି ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ା କରାଯିବ। ଏଭଳି ଏକ ୨୦୦ ଫୁଟିଆ ରାସ୍ତାର ଯୋଜନା କରିଛି ପୂର୍ତ୍ତ ବିଭାଗ। ଏଥିପାଇଁ ସର୍ଭେ ମଧ୍ୟ ଶେଷ ହୋଇଛି। ଏହା ଫଳରେ ପୁରୀରୁ ଏମ୍‌ସ ଆସୁଥିବା ରୋଗୀ କମ୍ ସମୟରେ ପହଞ୍ଚିବେ। ଖୋର୍ଦ୍ଧା କିମ୍ବା ଖୋର୍ଦ୍ଧାରୁ ଖଣ୍ଡଗିରି ପର୍ଯ୍ୟନ୍ତ ବାସିନ୍ଦା ଜାତୀୟ ରାଜପଥରେ ବୁଲି ବୁଲି ନ ଯାଇ ଏହି ରାସ୍ତାରେ ସିଧା ସଳଖ ପୁରୀ ଯିବାକୁ ସହଜ ହେବ। କିନ୍ତୁ ଏହି ରାସ୍ତାରେ ବାଧକ ହେବାକୁ ଯାଉଛି ଏମ୍‌ସ୍ ଅଣ୍ଡରପାସ୍। ଅଣଓସାରିଆ ହୋଇଥିବାରୁ ଖୋର୍ଦ୍ଧାରୁ ପାର୍ଶ୍ୱରୁ ଏହି ରାସ୍ତାରେ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ଯୋଗୁ ଭୟଙ୍କର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ଥୟ ହୋଇଛି। ଏଠାରେ ଫ୍ଲାଏ ଓଭର ନିର୍ମାଣ ନହେଲେ ଏହି ପ୍ରକଳ୍ପ ବରବାଦ ହେବ। କିମ୍ବା ଏହି ଅଣ୍ଡରପାସ୍ ନିକଟରେ ଭୟଙ୍କର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପୂର୍ବରୁ ଅନେକ ପ୍ରକଳ୍ପ ବରବାଦ ହୋଇଥିବା ବେଳେ ଏବେ ଏହି ପ୍ରକଳ୍ପ ପାଇଁ ମଧ୍ୟ ସାଧାରଣ ଲୋକ ଫସିବାକୁ ଯାଉଛନ୍ତି। ଏବେ କସ୍‌ମୋପଲିସ୍ ଛକରେ ଫ୍ଲାଏ ଓଭର ନିର୍ମାଣ ଚାଲିଛି। ଯେଉଁଥିପାଇଁ ଭୟଙ୍କର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ଆଉ କେତେ ଦିନ ଏଭଳି ସମସ୍ୟା ହେବ ତାହାର ମଧ୍ୟ ଉତ୍ତର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ। ଏମ୍‌ସ ଛକରୁ ଧଉଳି ପର୍ଯ୍ୟନ୍ତ ୨୦୦ ଫୁଟିଆ ରାସ୍ତା ପ୍ରସ୍ତୁତ ହେଲେ ଏମ୍‌ସ୍ ଅଣ୍ଡର ପାସ୍ ହଟାଇ ଫ୍ଲାଏ ଓଭର ନିର୍ମାଣ ହେବ। କସ୍‌ମୋପଲିସ୍ ଛକରେ ନିର୍ମାଣ ହେଉଥିବା ଫ୍ଲାଏଓଭର ପାଇଁ ଏମ୍‌ସ୍ ଅଣ୍ଡରପାସ୍‌କୁ ୪ ମାସ ହେବ ବନ୍ଦ ରଖିବାକୁ ପଡ଼ିଛି। ଅର୍ଥାତ୍ ଲୋକ ଏମ୍‌ସ୍ ଯିବା ପାଇଁ ଓ ଏମ୍‌ସ୍‌ରୁ ଆସିବା ପାଇଁ ୪ ମାସ ହେଲା ୫ କିଲୋମିଟର ବୁଲି ବୁଲି ନୟାନ୍ତ ହେଲେଣି। ଏବେ ଏଠାରେ ଯଦି ଫ୍ଲାଏଓଭର ନିର୍ମାଣ କରାଯାଏ, ପୁଣି ଏହାକୁ ବନ୍ଦ ରଖିବାକୁ ପଡ଼ିବ। ଏକ ସମୟରେ ଉଭୟ ଫ୍ଲାଏ ଓଭର ନିର୍ମାଣ କରିଥିଲେ ସାଧାରଣ ଲୋକଙ୍କୁ ଦୁଇ ଦୁଇ ଥର ହଇରାଣ ହେବାକୁ ପଡ଼ିନଥାନ୍ତା। ଗୋଟିଏ ସମୟରେ ଦୁଇଟି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ହୋଇପାରିଥାନ୍ତା। କିନ୍ତୁ ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ପୁଣି ଥରେ ଜନସ୍ୱାର୍ଥ ବିରୋଧୀ ହେବାକୁ ଯାଉଛି। ଏହି ଅଣ୍ଡରପାସ୍ ପ୍ରଥମଥର ପାଇଁ ବନ୍ଦ ହୋଇନାହିଁ। ଗତ ୨୦୨୨ ମସିହା ଡିସେମ୍ବର ମାସରେ ଏହାକୁ ବନ୍ଦ ରଖାଯାଇଥିଲା। କସମୋପଲିସ୍ ଛକରୁ ଏମ୍‌ସ ସର୍ଭିସ୍ ରୋଡ୍‌ରେ ଡ୍ରେନ୍ ଓ ଫୁଟ୍‌ପାଥ ନିର୍ମାଣ ପାଇଁ ଏହାକୁ ପ୍ରାୟ ମାସେ କାଳ ବନ୍ଦ ରଖାଯାଥିଲା। ସେତେବେଳେ ଏହି ଅଞ୍ଚଳର ଅଧିବାସୀ ତଥା ଏମ୍‌ସ୍‌ରୁ ଆସୁଥିବରା ରୋଗୀ ଖଣ୍ଡଗିରି ଯିବାକୁ ହେଲେ ପାତ୍ରପଡ଼ା ଶନିମନ୍ଦିର ଅଣ୍ଡରପାସ୍ ଦେଇ ଯାଉଥିଲେ। ଏବେ ଏହି ଅଣ୍ଡରପାସ୍‌କୁ ମଧ୍ୟ ବନ୍ଦ ରଖାଯାଇଛି। ଏଣୁ ତୁମୁଡୁମା କସ୍‌ମୋପଲିସ୍ ଅଞ୍ଚଳ ସମେତ ତୁମୁଡୁମା ହାଉସିଂବୋର୍ଡ, ଯଦୁପୁର, ରଘୁନାଥନଗର ଆଦି ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ୧୫ କିଲୋମିଟର ବୁଲୁଛନ୍ତି। ସମନ୍ୱୟ ଅଭାବ ଯୋଗୁ ସର୍ବସାଧାରଣଙ୍କ ଅର୍ଥ ବରବାଦ ହେବା ଓ ଜନସାଧାରଣ ହିଁ ଅଡୁଆରେ ପଡ଼ିବା ଭଳି ଆଉ ଏକ ବଡ଼ ଉଦାହରଣ ହେଉଛି କସ୍‌ମୋପଲିସ୍‌ରୁ ଏମ୍‌ସ୍ ଛକ ପର୍ଯ୍ୟନ୍ତ ନଳା ପ୍ରସ୍ତୁତି। ୩୦ଲକ୍ଷ ବ୍ୟୟରେ ଏନ୍‌ଏଚ୍‌ଏଆଇ ଏଠାରେ ନଳା ନିର୍ମାଣ କରିଥିଲା। କିନ୍ତୁ ବିଏମ୍‌ସି ଓ ପୁଉ ବିଭାଗ ସହ ସହିତ ସମନ୍ୱୟ ରକ୍ଷା ହୋଇନଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇ ପାରିଲା ନାହିଁ। ଏଣେ କସ୍‌ମୋପଲିସ୍‌ରୁ ଏମ୍‌ସ୍ ଅଣ୍ଡରପାସ୍ ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍‌କୁ ୩ଲେନ୍ ବିଶିଷ୍ଟ କରିବାକୁ ଥିବାରୁ ଏହି ନଳାକୁ ୨୦୨୨ ମସିହା ଜୁନ୍ ମାସରେ ଏନ୍‌ଏଚ୍‌ଏଆଇ ପୋତି ଦେଇଥିଲା। ଏଥିପାଇଁ ମଧ୍ୟ ୨ ସପ୍ତାହରୁ ଊର୍ଦ୍ଧ୍ୱ କାଳ ଲୋକ ଯମଯନ୍ତ୍ରଣା ଭୋଗିଥିଲେ। ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ଏମ୍‌ସ୍ ଭେଇକିଲ୍ ଅଣ୍ଡର ପାସ୍(ଭିୟୁପି)ର ଓସାର୧୨ ମିଟର ହୋଇଥିବା ବେଳେ ଉଚ୍ଚତା ୮.୫ମିଟର ରହିଛି। ବଡ଼ଗାଡ଼ି ଯାତାୟାତ ପାଇଁ ଏହା ପ୍ରସ୍ତୁତ ହୋଇନାହିଁ। ଯେତେବେଳେ ଏଠାରେ ଜାତୀୟସ୍ତରର ହସ୍‌ପିଟାଲ୍ ପ୍ରସ୍ତୁତ କରାଗଲା, ଏହାକୁ ଫ୍ଲାଏ ଓଭର କରିବାକୁ ଥିଲା। କିନ୍ତୁ ସେତେବେଳେ କଲେନାହିଁ। ଏବେ ଏମ୍‌ସ୍-ଧଉଳି ରାସ୍ତା ନିର୍ମାଣ ହେବାକୁ ଥିବାରୁ ଏହାକୁ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କରିବା ଆବଶ୍ୟକତା ରହିଛି। କେତେକ ସମନ୍ୱୟ ବୈଠକରେ ଏ ନେଇ ଆଲୋଚନା ମଧ୍ୟ ହୋଇଛି। କିନ୍ତୁ କିଛି ଲାଭ ହେଲାନି।

ବିଜେପି ମହିଳା ମୋର୍ଚ୍ଚା ତରଫରୁ ଗାଁକୁ ଚାଲ ଅଭିଯାନ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶକ୍ତି କେନ୍ଦ୍ରସ୍ତରୀୟ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି । ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଗାଁ କୁ ଚାଲ ଅଭିଯାନର ଶୁଭାରମ୍ଭ ଜହ୍ନାପଙ୍କ ଶକ୍ତିକେନ୍ଦ୍ର ଠାରେ ଶତାଧିକ ମହିଳାଙ୍କ ଗହଣରେ ଆରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ବିଜେପିନେତା ତଥା ସମାଜସେବୀ ଶିଶିର କୁମାର ଘୋଷ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ବରିଷ୍ଠ କୃଷକନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହିଳା ମାନଙ୍କ ପ୍ରତି ଥିବା ବିଭିନ୍ନ ଯୋଜନା ଗୁଡିକ ଉପରେ ଆଲୋଚନା କରିଥିଲେ । ସଭାନେତ୍ରୀ ମିନାରାଣୀ ମିଶ୍ର

ଅଧ୍ୟକ୍ଷତା କରି ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ପ୍ରଧାନ ସହଯୋଗ କରିଥିଲେ । ସଭାର ପ୍ରାରମ୍ଭରେ ଶ୍ରୀମତୀ ମିଶ୍ର ସରକାରଙ୍କ ପଚିଶ ବର୍ଷର ଶାସନକୁ ଉପସ୍ଥିତ ମହିଳା ମାନଙ୍କ ପାଖରେ ଉପସ୍ଥାପନ କରିଥିଲେ । ଅତିଥି ଭାବେ ଯୋଗ ଦେଇଥିବା କର୍ଣ୍ଣେଲ ଶିଶିର ଘୋଷ ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଅବଗତ କରିବାସହ ମୁଁ ସର୍ବଦା ଆପଣ ମାନଙ୍କ ସହିତ ଅଛି ବୋଲି କହିଥିଲେ । କୃଷକନେତା ଶ୍ରୀଯୁକ୍ତ ମହାପାତ୍ର ଜଳସେଚନର ଅବ୍ୟବସ୍ଥାକୁ ନେଇ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନା କରିବାକୁ ସମସ୍ତଙ୍କ ସହଯୋଗ ଆଶା କରୁଛି ବୋଲି କହିବାସହ ଆପଣମାନଙ୍କ ହକ୍ ପାଇଁ ମୋର ଲଢେଇ ସର୍ବଦା ଜାରିରହିବ ବୋଲି ମନ୍ତବ୍ୟ ପ୍ରଦାନ ଦେଇଥିଲେ । ଶେଷରେ ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ନନ୍ଦନକାନନ ଶିଶୁ ରେଳଗାଡ଼ି ଅଚଳ : ୨ ବର୍ଷରେ ନଷ୍ଟ ହୋଇଗଲା ବ୍ୟାଟେରୀ

କଟକ, ନ୍ୟୁଜ ବ୍ୟୁରୋ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ଶିଶୁ ରେଳଟି ପୁଣି ଅଚଳ ହୋଇଯାଇଛି । ଗତ ଦୁଇ ଦିନ ହେବ ରେଳଗାଡ଼ିଟି ବନ୍ଦ ହୋଇଥିବା ବେଳେ ପରିଦର୍ଶନରେ ଆସିଥିବା ଶିଶୁମାନେ ଏହାକୁ ବ୍ୟବହାର କରିବାରୁ ବଞ୍ଚିତ ହୋଇଛନ୍ତି । ଖବର ପାଇ ଶନିବାର ଦିନ ଇଞ୍ଜିନିୟରମାନେ ପ୍ରାଣୀ ଉଦ୍ୟାନକୁ ଆସି ଶିଶୁ ରେଳ ଅଚଳ ହେବାର କାରଣ ଖୋଜିଥିଲେ । ଏଥିସହ ଗାଡିର ଯନ୍ତ୍ରାଂଶ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ଟ୍ରେନରେ ସଂଯୋଗ ରହିଥିବା ବ୍ୟାଟେରୀଟି ଖରାପ ହୋଇଥିବା ଜଣାପଡ଼ିଥିଲା । ମରାମତି ପାଇଁ ଆସିଥିବା ଇଞ୍ଜିନିୟରମାନେ କେତେକ ବ୍ୟାଟେରୀକୁ ମରାମତି କରି ଚାର୍ଜରେ ବସାଇଥିବା ଜଣାପଡ଼ିଛି । ଆସନ୍ତାକାଲି(ରବିବାର) ଏହି ଶିଶୁ ରେଳଟି ଚାଲିବ କି ନାହିଁ ତାହା ଜଣାପଡ଼ିବ । ଯଦି ଏହା ସମ୍ଭବ ନହୁଏ ତେବେ ରେଳ ଗାଡିରେ ରହିଥିବା ସମସ୍ତ ୫୫ଟି ବ୍ୟାଟେରୀ ବଦଳାଇବାକୁ ପଡ଼ିବ । ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ । ଏହି ଟଙ୍କା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭରଣା କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ, ଗତ ୨୦୨୧ ଅକ୍ଟୋବର ୮ ତାରିଖରେ ପ୍ରାଣୀ ଉଦ୍ୟାନରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ଏହି ଶିଶୁ ରେଳର ବ୍ୟବସ୍ଥା ହୋଇଥିଲା । ଏହି ଗାଡିରେ ଏକାଥରକେ ୭୨ଜଣ ଶିଶୁ ପର୍ଯ୍ୟଟକଙ୍କୁ ବୁଲାଇବା ଭଳି କ୍ଷମତା ରହିଛି । ତେବେ ଲୋକାର୍ପିତ ହେବା ପରଠାରୁ ଟ୍ରେନରେ ବିଭିନ୍ନ ତ୍ରୁଟି ଦେଖିବାକୁ ମିଳିଛି । ଏପରିକି ସର୍ଟସର୍କିଟ ଯୋଗୁ ରେଳରେ ନିଆଁ ଲାଗିବା ଠାରୁ ନେଇ ମଟର ପୋଡ଼ିବା ପର୍ଯ୍ୟନ୍ତ ଘଟଣା ଘଟିଥି । ଯାହା ଦ୍ୱାରା ଏହି ଶିଶୁ ରେଳଗାଡ଼ିଟି ନିମ୍ନମାନର ହୋଇଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି । ପ୍ରତିଦିନ ଭଳି ଗତ ୨୫ ତାରିଖରେ କେତେକ ପର୍ଯ୍ୟଟକଙ୍କୁ ନେଇ ଶିଶୁ ରେଳଗାଡ଼ି ତାର ଗତି ପଥରେ ଆଗେଇ ଥିଲା । ଦୁଇ ରାଉଣ୍ଡ ବୁଲିବା ପରେ ଗାଡିରେ କୌଣସି ତ୍ରୁଟି ଦେଖାଦେଇଥିଲା । ଏହାଦେଖି ଦାୟିତ୍ୱରେ ଥିବା କର୍ମଚାରୀମାନେ ଗାଡିର ବ୍ୟାଟେରୀ ଚାର୍ଜ କରିଥିଲେ । ଏହାପରେ ଗୋଟିଏ ରାଉଣ୍ଡ ଚାଲିବା ପରେ ପୁଣି ବନ୍ଦ ହୋଇଯାଇଥିଲା । ଏବେ ପର୍ଯ୍ୟଟନ ଋତ ଚାଲିଥିବାରୁ ପ୍ରତ୍ୟେହ ହଜାର ହଜାର ଶିଶୁ ପର୍ଯ୍ୟଟକ ରେଳଗାଡ଼ିରେ ବୁଲି ନପାରି ନିରାଶ ହୋଇ ଫେରୁଛନ୍ତି । ଗାଡ଼ିଟି ଚାଲିବାର ପ୍ରାୟ ୨୭ ମାସରେ ଅନେକବାର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନନ୍ଦନକାନନ ବହୁ କ୍ଷତି ସହିଛି । ଏବେ ପୁଣି ୧୦ ଲକ୍ଷ କ୍ଷତି ସହିବାକୁ ଯାଉଛି । ତେଣୁ ଏହାର କ୍ରୟ ଓ ମାନକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି । ଶିଶୁ ରେଳଗାଡ଼ି ବନ୍ଦ ହେବାର କାରଣ ସମ୍ପର୍କରେ କତୃପକ୍ଷଙ୍କୁ ପଚାରିଥିଲେ ମଧ୍ୟ ଖବର ଲେଖା ହେବାବେଳକୁ ସେ କିଛି ଉତ୍ତର ଦେଇନଥିଲେ ।

ଏସ୍‌ୟୁଜେର ଭଦ୍ରକ ଜିଲ୍ଲା ସଂଘ ଗଠିତ

ସାମ୍ବାଦିକଙ୍କ କଲ୍ୟାଣ କ୍ଷେତ୍ରରେ ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଦ୍ରକ, ନ୍ୟୁଜ ବ୍ୟୁରୋ

ରାଜ୍ୟ ସରକାର ସମାଜର ସବୁବର୍ଗର ଲୋକମାନଙ୍କ ପାଇଁ ଉନ୍ନତିମୂଳକ ସମସ୍ତ ପ୍ରକାର ଯୋଜନା ପ୍ରଣୟନ କରିଥିବା ବେଳେ ଏକମାତ୍ର ସାମ୍ବାଦିକମାନେ ଅବହେଳିତ ହୋଇ ରହିଯାଇଛନ୍ତି। କେବଳ ସ୍ୱାସ୍ଥ୍ୟବୀମାକୁ ବାଦ୍ ଦେଲେ ଅନ୍ୟ କୌଣସି ସୁବିଧା ସାମ୍ବାଦିକଙ୍କ ପାଇଁ ନାହିଁ। ସାମ୍ବାଦିକଙ୍କ ପାଇଁ ଏକ କଲ୍ୟାଣ ପାଣ୍ଠିର ଆବଶ୍ୟକତା ଯଥେଷ୍ଟ ରହିଛି। ଏଥିଲାଗି ରାଜ୍ୟର ସମସ୍ତ ସାମ୍ବାଦିକ ସଂଘ ଏକ ହୋଇ ସରକାରଙ୍କ ପାଖରେ ଦାବିକୁ ପହଞ୍ଚାଇବା ପାଇଁ ପ୍ରୟାସ କରିବା ଉଚିତ ବୋଲି ଆଜି ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ)ର ଜିଲ୍ଲା ବୈଠକରେ ସଂଘର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ପ୍ରତାପ ଦାସଙ୍କ ଆବାହକତ୍ୱରେ ସାଳନ୍ଦୀ

ଜଳସେଚନ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ଜିଲ୍ଲା ବୈଠକରେ ସାମ୍ବାଦିକ ତପନ ସ୍ୱାଇଁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅତିଥି ଭାବେ ରାଜ୍ୟ ସଭାପତି କୈଳାସ ନାୟକ, ପର୍ଯ୍ୟବେକ୍ଷକ ଜାତୀୟ ସାମ୍ବାଦିକ ସଂଘର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଚନ୍ତାମଣି ପାଢ଼ୀ, ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ, ନିହାର ଦାସ, ତପନ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଜିଲ୍ଲା ସ୍ତରରେ ସଂଘଠନକୁ ସୁଦୃଢ଼ କରି ସାମ୍ବାଦିକଙ୍କ ସମସ୍ୟାକୁ ରାଜ୍ୟ ସଂଘର ସହଯୋଗରେ ସରକାରଙ୍କ ପାଖରେ ପହଞ୍ଚାଇବା ସଂଘର ମୁଖ୍ୟ ଆଭିମୁଖ୍ୟ ହେବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜିଲ୍ଲା ସଂଘ ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରତାପ ଦାସ, ସମ୍ପାଦକ ତପନ କୁମାର ମିଶ୍ର, ମୁଖ୍ୟ ଉପଦେଷ୍ଟା ନୀହାର ଦାସ, ଉପଦେଷ୍ଟା ବାସୁଦେବ ତ୍ରିପାଠୀ,ତପନ ସ୍ୱାଇଁ, ଧ୍ରୁବଚରଣ ବାରିକ, ଅମର ବାରିକ, କାର୍ଯ୍ୟକାରୀ ସଭାପତି ଉମାକଲ୍ୟାଣ ମହାପାତ୍ର, ଉପସଭାପତି ଶିବାନନ୍ଦ ଦାସ ଓ ରଜତ କୁମାର ପଣ୍ଡା, ସହସମ୍ପାଦକ ସନାତନ ରାଉତ, ପ୍ରଭାତ କୁମାର ଦାସ ଏବଂ ପ୍ରିୟବ୍ରତ ଦାସ, କୋଷାଧ୍ୟକ୍ଷ ବିନୋଦ ଧଳସାମନ୍ତ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଜୟ କୁମାର ପଣ୍ଡା, ସଂଜୀବ କୁମାର ମହାନ୍ତି ଏବଂ ପ୍ରଭାତ କୁମାର ସାମଲ ମନୋନୀତ ହୋଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ନାୟକ, କମଳାକାନ୍ତ ପରିଡ଼ା, ଗୁଲାମ ଜିଲାନୀ ହବିବି, ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

ବୌଦ୍ଧ କଲଚ୍‌ରାଲ ଏକାଡେମୀର ମାସିକ କବିତା ପାଠୋତ୍ସବ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ସ୍ଥାନୀୟ ଟୁଟୁସିଙ୍ଗା ପଞ୍ଚାୟତ ହାଇସ୍କୁଲ ପରିସରରେ ଆଜି ବୌଦ୍ଧ କଲଚ୍‌ରାଲ ଏକାଡେମୀର ମାସିକ କବିତା ପାଠୋତ୍ସବ ଏକାଡେମୀର ଉପସଭାପତି ତଥା ସ୍ତମ୍ଭକାର ଶିଶୁ ସାହିତ୍ୟିକ ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଅଧିବକ୍ତା ସୁଧୀର କୁମାର କର୍ଣ୍ଣ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାହିତ୍ୟର ବିକାଶ ପାଇଁ ନିୟମିତ ଲେଖିବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ହାଇସ୍କୁଲ ଆଠମଲ୍ଲିକ ଦେବରାଜ ନାୟକ ବିଭିନ୍ନ କବିଙ୍କର କବିତାକୁ ଉଦାହରଣ ଦେଇ ସଂସ୍କାରମୂଳକ ଲେଖା ଲେଖିବାକୁ ମତ ରଖିଥିଲେ । ସମ୍ପାଦକ ରମେଶ ମେହେର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ରଖିଥିଲେ । ଯୁବକବି ନିବାସ ନାୟକ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ । କବି କାର୍ତ୍ତିକେଶ୍ୱର ନାଏକ, ଗୋଲକ ବିହାରୀ ସାହୁ, ରଶ୍ମିତା ବେହେରା, ରାଜକୁମାର ପ୍ରଧାନ, ଚିତ୍ତରନ ବେହେରା, ଅନାଦି ଚ଼ରଣ ବେହେରା ସତ୍ୟନାରାୟଣ ଦେହୁରୀ, ଟଙ୍କଧର ସାହୁ, ଧ୍ରୁବଚ଼ରଣ ଘିବେଲା, ହିମାଞ୍ଚଳ ପ୍ରଧାନ, ରମେଶ ପ୍ରସାଦ ମେହେର, ନିବାସ ନାୟକ, ଦେବରାଜ ନାୟକ, ତପନ ନାୟକ, ରାଧାମୋହନ ମହାରଣା ପ୍ରମୁଖ ନିଜ ନିଜର ସ୍ୱରଚ଼ିତ କବିତା ପାଠ କରିଥିଲେ । ଯୁବ କବି ଚିତ୍ତରନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଆଇ ମାନ୍ୟତା ଲାଗି ଉଦ୍ୟମ ବେଳେ ତାରକସି ହବ୍ ଫାଇଲ୍ ବନ୍ଦ



କଟକ, ନ୍ୟୁଜ ବ୍ୟୁରୋ

ପ୍ରଥମେ ବାଦାବାଜିରେ । ପରେ ତୁଳସୀପୁର ଠାରେ । ପରିଶେଷରେ ଏହି ଦୁଇଟି ଜାଗାକୁ ବାଦ୍ ଦିଆଯାଇ ମାତାମଠରେ ତାରକସି ହବ୍ ପାଇଁ ଜାଗା ଚିହ୍ନଟ ହେଲା । ନିର୍ମାଣ ଖର୍ଚ୍ଚ ପାଇଁ ମଧ୍ୟ ବ୍ୟୟବରାଦ କରାଗଲା । କିନ୍ତୁ ଗ୍ରୀନ୍ ଟ୍ରିବ୍ୟୁନାଲ୍ ପାଇଁ ପୁଣି ଥରେ ଅଟକିଗଲା ତାରକସି ହବ୍ । ମହାନଦୀ ପଠାରେ ବାଲିଯାତ୍ରା ଆୟୋଜନ କରି ଶିକ୍ଷା ପାଇଥିବା ଜିଲ୍ଲା ପ୍ରଶାସନ ମାତାମଠରେ ତାରକସି ହବ୍ କରିବାରୁ ମୁହଁ ଫେରାଇ ନେଲା । ଇତିମଧ୍ୟରେ ଜାଗା ଚିହ୍ନଟ ପ୍ରକ୍ରିୟା ଭିତରେ ତାରକସି ହବ୍ ଫାଇଲ୍ ଇତିମଧ୍ୟରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ତେବେ ଯେତେବେଳେ କଟକ ଚାଉକସିକୁ ଭିଆଇ ମାନ୍ୟତା ଦେବାକୁ ଉଦ୍ୟମ ହେଉଛି, ସେତିକିବେଳେ ତାରକସି ହବ୍‌ର ସୁପ୍ତ ପୂରଣ ନ ହେବା ଏହି ଉଦ୍ୟମକୁ ଦୁର୍ବଳ କରିଦେଉଛି । ତାରକସି କଟକକୁ ଦେଇଛି ନିଆରା ପରିଚୟ । କାହିଁ କେଉଁ କାଳରୁ ତାରକସି ସହ ଜଡିତ ରହିଛନ୍ତି ଏଠାକାର ଶିଳ୍ପୀକୁଳ । ସୃଜନଶୀଳତାର ଯୋଗୁଁ ଉତ୍କର୍ଷ ତାରକସି କଳା ଆଖି ଝଇସେଇଦିଏ । ସୂକ୍ଷ୍ମ ନିହାଣର ସ୍ପର୍ଶ ସହ ବେଶ୍ ଯତ୍ନ ସହକାରେ କାରିଗର ତୋଳିଦିଏ ମନଲୋଭା କୃତି, ଯାହା ଇତିହାସକୁ କରିଦିଏ ଆହୁରି ରୁଦ୍ଧିମନ୍ତ । କିନ୍ତୁ କାଳକ୍ରମେ କଟକ ସହରରୁ ତାରକସିର ଉତ୍କର୍ଷତା ଜମିବାକୁ ଲାଗିଲାଣି । ଆଗଭଳି ଚମକ ବି ଆଉ ନାହିଁ । ଆଧୁନିକତାର ଛାପରେ, ମେସିନ୍ ଯୁଗରେ ହାତତିଆରି ଏହି ସୂକ୍ଷ୍ମ କ

ପକ୍ଷାନ୍ତରୀୟ
30 YEARS
ସମ୍ବାଦ କାଳିକା

୩ ବର୍ଷରେ ତୃତୀୟ ବୃହତ୍ ଅର୍ଥନୀତି ହେବ ଭାରତ

ଏକ ଦଶନ୍ଧି ପୂର୍ବେ ଭାରତୀୟ ଅର୍ଥନୀତିର ଆକାର ୧.୯ ଟ୍ରିଲିଅନ ଡଲାର ବା ଲକ୍ଷ କୋଟି ଡଲାର ରହିଥିଲା। ଏବେ ଏହା ୩.୭ ଟ୍ରିଲିଅନ ଡଲାର (ଲକ୍ଷ କୋଟି ଡଲାର)ରେ ପହଞ୍ଚିଛି। କେବଳ ସେତିକି ନୁହେଁ ଆସନ୍ତା ୩ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିର ଆକାର ୫ ଟ୍ରିଲିଅନ ଡଲାର (ଲକ୍ଷ କୋଟି ଡଲାର) ଛୁଇଁବ ବୋଲି ଅର୍ଥମନ୍ତ୍ରାଳୟ 'ଦ ଇଣ୍ଡିଆନ୍ ଇକୋନୋମି-ଏ ରିଭ୍ୟୁ' ଶୀର୍ଷକ ରିପୋର୍ଟରେ ଏହା କହିଛି। ୩.୭ ଲକ୍ଷ କୋଟି ଡଲାର ସହିତ ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ହୋଇଥିବାବେଳେ ଆସନ୍ତା ଆସନ୍ତା ୩ ବର୍ଷ ମଧ୍ୟରେ ୫ ଟ୍ରିଲିଅନ ଡଲାର ବା ଲକ୍ଷ କୋଟି ଡଲାର ଛୁଇଁବ ଏବଂ ୨୦୩୦ ସୁଦ୍ଧା ୭ ଟ୍ରିଲିଅନ ଡଲର ବା ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ ହେବା ଲକ୍ଷ୍ୟ ଅର୍ଥ ମନ୍ତ୍ରାଳୟ ରଖିଛି।

ମୁଖ୍ୟ ଅଥନୈତିକ ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ରିପୋର୍ଟ ପ୍ରକାଶ ହୋଇଛି। ଏଥିସହିତ ଆସନ୍ତା ଅନ୍ତରୀଣ ବଜେଟ ପୂର୍ବରୁ ଅର୍ଥନୈତିକ ସର୍ଭେ ଆସିବ ନାହିଁ। ସାଧାରଣ ନିର୍ବାଚନ ପରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ପୂର୍ବରୁ ଅର୍ଥନୈତିକ ସର୍ଭେ ଉପସ୍ଥାପନ ହେବ ବୋଲି ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି ଅନନ୍ତ ନାଗେଶ୍ୱରନ କହିଛନ୍ତି। ସାଧାରଣତଃ ଫେବ୍ରୁଆରି ୧ରେ ବଜେଟ ଉପସ୍ଥାପନର ପୂର୍ବଦିନ ଅର୍ଥନୈତିକ ସର୍ଭେ ଉପସ୍ଥାପନ ହୋଇଥାଏ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)

(କ୍ରମଶଃ)

ସଡ଼କରେ ସୁରକ୍ଷା

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଓଡ଼ିଶାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କ୍ରମଶଃ ଉଦ୍‌ବେଗ ସୃଷ୍ଟି କଲାଣି। ଘରୁ ବାହାରି ଯିବା ପରେ ପୁଣି ଅକ୍ଷତ ଅବସ୍ଥାରେ ଫେରି ଆସିବାକୁ ନେଇ ମନରେ ସନ୍ଦେହ ସୃଷ୍ଟି ହେଉଛି। ଦିନକୁ ଦିନ ଗାଡ଼ିମାନଙ୍କର ସଂଖ୍ୟା ଯେଉଁଭଳି ଭାବରେ ବୃଦ୍ଧି ପାଉଛି ତାହାକୁ ତାଳ ଦେଇ ଦୁର୍ଘଟଣା ମଧ୍ୟ ଆଗେଇ ଚାଲିଛି। ମନ ଖୁସିରେ ଘରୁ ବାହାରୁଥିବା ଲୋକଟି ରାସ୍ତାରେ ବି ମହାଯାତ୍ରାର ପଥିକ ହୋଇଯାଉଛି। ଯାହାକି ପରିବାର ତଥା ସମାଜ ନିମନ୍ତେ ଘଟାଉଛି ଅସହ୍ୟ କ୍ଷତି। ବୃଦ୍ଧ, ଯୁବକ, ଛାତ୍ର ଓ ନିଷ୍ପାପ ଶିଶୁଟିଏ ମଧ୍ୟ ଏଥିରୁ ବର୍ଦ୍ଦି ଯାଇନାହାନ୍ତି। ବିଶେଷ ଭାବରେ ଦେଖାଯାଉଛି ଯେ ଅତି କମ୍ ବୟସର କିଶୋର, କିଶୋରୀ ତଥା ଯୁବକମାନଙ୍କ ଦ୍ୱାରା ହିଁ ଏହିପରି ଦୁର୍ଘଟଣାମାନ ଘଟିଯାଉଛି। ଦୁଇ ଚକିଆ ଗାଡ଼ିଟିଏ ପାଇଲେ ସେମାନେ ତାକୁ ସ୍ୱର୍ଗର ସମ୍ପଦ ଭାବି ବେପରୱା ଗାଡ଼ି ଚାଳନା କରି ଦୁର୍ଘଟଣାମାନ ଘଟାଇଥାନ୍ତି। ସେହିଭଳି ଚାରିଚକିଆ ଯାନର ଚାଳକମାନେ ମଧ୍ୟ ଏଥିରୁ ବାଦ୍ ଯାଉନାହାନ୍ତି। ସହରମାନଙ୍କର ରାଜରାସ୍ତାରେ ଏପରି ଦୁର୍ଘଟଣାମାନ ଯେଉଁଭଳି ଭାବରେ ଘଟିଯାଉଛି ତାହା କ୍ରମଶଃ ଏବେ ଗ୍ରାମାଞ୍ଚଳ ରାସ୍ତାମାନଙ୍କରେ ହେବାର ଦେଖାଗଲାଣି। ସରକାରଙ୍କ ପକ୍ଷରୁ ଏହିସବୁ ଦୁର୍ଘଟଣାକୁ ଅଟକାଇବା ନିମନ୍ତେ ବହୁ ପ୍ରକାର କାର୍ଯ୍ୟକ୍ରମ ଘୋଷଣା କରାଯାଉଥିଲେ ମଧ୍ୟ ସେଗୁଡ଼ିକରୁ କୌଣସି ସୁଫଳ ମିଳୁନାହିଁ। ଯଦି ଏହିଭଳି ଭାବରେ ଛାଡ଼ି ଦିଆଯାଏ ଓ ଯାନ ଚାଳକମାନେ ସେମାନଙ୍କର ମନଇଚ୍ଛା ଗାଡ଼ି ଚଳାନ୍ତି ତାହାଲେ ପରିଣାମ କ୍ରମଶଃ ଭୟଙ୍କର ହୋଇଉଠିବ। ଦେଶରେ ସମୁଦାୟ ୭୦,୯୩୪ କିଲୋମିଟର ଜାତୀୟ ରାଜପଥ ରହିଛି ଓ ସେଥିରେ ୬,୫୦୦ କିଲୋମିଟର ରାସ୍ତାକୁ ଛଅ ଧାଡ଼ିରେ ପରିଣତ କରିବା ଓ ୧୨,୧୦୯ କିଲୋମିଟର ରାସ୍ତାକୁ ଚାରି ଧାଡ଼ି କରାଇବାର ପ୍ରସ୍ତାବ ନିଆଯାଇଛି। ୧୨,୧୦୯ କିଲୋମିଟର ରାସ୍ତାକୁ ଚାରି ଧାଡ଼ି କରିବା ସହ ୨୦,୦୦୦ କିଲୋମିଟର ରାସ୍ତାର ଉନ୍ନତିକରଣ ନିମନ୍ତେ ସରକାରଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଓ ଏଦିଗରେ ଆସନ୍ତା ୫ ବର୍ଷ ମଧ୍ୟରେ ୬୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ରହିଛି। ତେବେ ଏହା କେବଳ ଜାତୀୟ ରାଜପଥ ପାଇଁ ଉଦ୍ଦିଷ୍ଟ। କେବଳ ରାଜରାସ୍ତାର ଉନ୍ନତିକରଣ କରିଦେଲେ ଯେ ଦୁର୍ଘଟଣା ଘଟିବ ନାହିଁ ଏକଥା ଆଦୌ କହିହେବ ନାହିଁ। ବର୍ତ୍ତମାନର ପ୍ରଚଳିତ ୧୯୮୮ର ମଟରଯାନ ଆଇନ୍‌କୁ ସଂଶୋଧନ କରିବାକୁ ପଡ଼ିବ ଏବଂ ତାହାକୁ କଡ଼ାକଡ଼ି ଭାବରେ ଲାଗୁ କରାଗଲେ କିଛିଟା ପ୍ରଭାବ ଗାଡ଼ି ଚାଳକମାନଙ୍କ ଉପରେ ପଡ଼ିପାରେ। ସରକାର ଏଦିଗରେ ଉଚିତ୍ ପଦକ୍ଷେପ ନେଲେ ଦୁର୍ଘଟଣା କିଛି ମାତ୍ରାରେ ରୋକା ଯାଇପାରନ୍ତା। ଗାଡ଼ି ଚଳାଇବାର ବେଗ ନିୟନ୍ତ୍ରଣ ମଧ୍ୟ ଦୁର୍ଘଟଣାକୁ ଏଡ଼ାଇବାର ସବୁଠାରୁ ସୁବିଧାର ବାଟ। ଯେଉଁମାନେ ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଛନ୍ତି ସେମାନଙ୍କୁ ତୁରନ୍ତ ଧରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାର ଆବଶ୍ୟକତା ରହିଛି। ଗାଡ଼ିର ବିକ୍ରୀ ସଂଖ୍ୟା ଯେଉଁଭଳି ଭାବରେ ବଢ଼ି ଚାଲିଛି ବିନା ଦ୍ୱିଧାରେ ସେଗୁଡ଼ିକୁ ଲାଇସେନ୍ସ ମଧ୍ୟ ଦିଆଯାଉଛି। କେଉଁ ଅଞ୍ଚଳରେ କେତେ ଭଲ ରାସ୍ତା ରହିଛି ଓ ସେହି ଅଞ୍ଚଳରେ ଗାଡ଼ିର ଆବଶ୍ୟକତା କେତେ ରହିଛି ତାହାର ସମୀକ୍ଷା ହେବା ଉଚିତ। ଲୋକମାନେ ମନଇଚ୍ଛା ଦୁଇ ଚକିଆରୁ ଚାରି ଚକିଆ ଯାନ କିଣିବାରେ ବ୍ୟସ୍ତ ଏବଂ ସେଗୁଡ଼ିକ ଉପରେ କାହାର ଅଙ୍କୁଶ ନାହିଁ। ବର୍ତ୍ତମାନ ଭୁବନେଶ୍ୱର ସହରକୁ ଦୃଷ୍ଟାନ୍ତ ଭାବେ ନିଆଗଲେ ଏଠାର ଗାଡ଼ି ସଂଖ୍ୟା ବିଗତ ୧୦ ବର୍ଷ ମଧ୍ୟରେ ବହୁତ ବଢ଼ିଯାଇଛି। ତିନି ଚକିଆ ଅଟୋରିକ୍ସା ଭୁବନେଶ୍ୱରରେ ଯେଉଁଭଳି ଭାବରେ ଚାଲିଛି ସେପରି ପ୍ରାୟ ଅନ୍ୟ କୌଣସି ସହରରେ ଦେଖାଯାଏ ନାହିଁ। ଆଉ ତାହାର ଚାଳକମାନଙ୍କର ଦୌରାତ୍ମ୍ୟ ଏଭଳି ଭାବରେ ବଢ଼ିଗଲାଣି ଯେ ଯାତ୍ରୀମାନେ ଅତିଷ୍ଠ ହୋଇ ପଡ଼ିଲେଣି। ଯାତ୍ରୀମାନଙ୍କ ପ୍ରତି ସେମାନଙ୍କ ବ୍ୟବହାର ଦୈନିକ ସମ୍ବାଦପତ୍ରମାନଙ୍କର ପୃଷ୍ଠା ମଧ୍ୟ ମଣ୍ଡନ କରୁଛି। ବର୍ତ୍ତମାନ ସରକାରଙ୍କ ଉଦ୍ୟମରେ ବସ୍ ସର୍ଭିସ୍ ଭୁବନେଶ୍ୱରରେ ଆରମ୍ଭ ହୋଇଛି। କ୍ରମଶଃ ପୁରୀ ଓ କଟକ ମଧ୍ୟରେ ଏହା ସଂପ୍ରସାରିତ ହେବାର ବ୍ୟବସ୍ଥା ରହିଛି। ଯାହା ଫଳରେ ଅଟୋ ଚାଳକମାନଙ୍କର ଦୌରାତ୍ମ୍ୟ କ୍ରମଶଃ ଥମି ଯାଇପାରେ। ଦୁଇ ଚକିଆ ଯାନ ଚାଳନାରେ ବିଶେଷତଃ କିଶୋର, କିଶୋରୀ ବୟସର ଚାଳକମାନେ ବିଭ୍ରାଟ ସୃଷ୍ଟି କରୁଛନ୍ତି। ପ୍ରାୟତଃ ଅଭିଭାବକମାନେ ଟ୍ୟୁସନ୍ ନିମନ୍ତେ ପିଲାଟିକୁ ଦୁଇ ଚକିଆ ଯାନଟିଏ କିଣି ଦେଇଥାନ୍ତି। ମାତ୍ର ସେପରି ପିତାମାତା ଦେଖନ୍ତି ନାହିଁ ଯେ ଯାନଟିକୁ କିଭଳି ଭାବରେ ସେମାନଙ୍କର ପିଲାମାନେ ଚଳାଉଛନ୍ତି। ଆଜିକାଲି ଏହି କିଶୋର, କିଶୋରୀମାନେ ଟ୍ରାଫିକ୍ ନିୟମ ନମାନି ବାମ ପଟେ ଗାଡ଼ି କଟାଉଛନ୍ତି ଓ ଆଗରେ ଯାଉଥିବା ଗାଡ଼ିଗୁଡ଼ିକୁ ଟପି ଚାଲିଯିବା ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରୁଥିବାର ଦେଖାଦେଉଛି। ଯାହା ଫଳରେ ଦୁର୍ଘଟଣାମାନ ଘଟୁଛି। ବାଇକ୍‌ରେ ଯାଉଥିବା କିଶୋର, କିଶୋରୀଙ୍କର ମୋବାଇଲ୍ ଫୋନ୍‌ର ଘଣ୍ଟି ବାଜି ଉଠିଲେ ସେହି ଚାଲୁଥିବା ଗାଡ଼ିରେ କଥା ହୁଅନ୍ତି ବା ରାସ୍ତା ମଝିରେ ଗାଡ଼ିକୁ ଅଟକାଇ ଦେଇଥାନ୍ତି। ଫଳରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଗୁଡ଼ିକର ତାହାସହ ଧକ୍କା ହୋଇଥାଏ। ଯାହାର ପରିଣାମରେ ବହୁ ଜୀବନ ଏପରି ଚାଲିଯାଏ। ତେଣୁ ଏହିସବୁ ପ୍ରତି ଲକ୍ଷ୍ୟ ରଖାଗଲେ ଦୁର୍ଘଟଣା ବହୁ ଅଂଶରେ କମିଯିବ। ପୁଣି ଦୁଇଚକିଆ ଗାଡ଼ିର ହର୍ଣ୍ଣ ବ୍ୟବସ୍ଥା। ଏପରି ବିକଟାଳ ଶବ୍ଦରେ ହର୍ଣ୍ଣଗୁଡ଼ିକ ବାଜିଥାଏ ଯେ ପଥପାର୍ଶ୍ୱରେ ଯାଉଥିବା ଅନ୍ୟମାନଙ୍କ ପାଇଁ ତାହା ହୋଇଯାଏ ବିରକ୍ତି କର।

ଚାରିଚକିଆ ଯାନମାନଙ୍କରେ ସଙ୍ଗୀତ ବଜାଇବା ଚାଳକମାନଙ୍କର ଏକ ନିଶା। ସଙ୍ଗୀତ ବାଜିଲେ ସଙ୍ଗୀତ ପ୍ରତି ଚାଳକମାନଙ୍କର ମନ ଯେତିକି ଥାଏ ରାସ୍ତାରେ ଗଡୁଥିବା ଗାଡ଼ିର ଚକ ପ୍ରତି ସେତେଟା ନଥାଏ। ଏହି ସମୟରେ ଯଦି ଗାଡ଼ି ସାମ୍ନାକୁ କେହି ଆସିଗଲା ତେବେ ଦୁର୍ଘଟଣା ଅବସମ୍ଭାବୀ। ରାସ୍ତାର ଦୁଇକଡ଼ରେ ଲଗା ଯାଇଥିବା ବିଭିନ୍ନ ପ୍ରକାର ବିଜ୍ଞାପନ ଫଳକ ଚାଳକମାନଙ୍କ ପ୍ରତି ମହାବିପଦ। ବିଜ୍ଞାପନ ଉପରେ ଆଖି ପକାଇଲେ ଗାଡ଼ି ଚାଳନାରେ ବ୍ୟାଘାତ ସୃଷ୍ଟି ହୁଏ। ରାସ୍ତାର ଦୁଇ ପାଖରେ ଥିବା ସେପରି ଫଳକଗୁଡ଼ିକ ତୁରନ୍ତ ଅପସାରିତ କରିଦେବାର ଆବଶ୍ୟକତା ରହିଛି। ମଦ ପିଇ ଗାଡ଼ି ଚାଳନା କରିବା ସବୁଠାରୁ ମହା ବିପଦ। ତେଣୁ ଯେଉଁମାନେ ମଦ ପିଇ ଗାଡ଼ି ଚାଳନା କରୁଛନ୍ତି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବାର ଆବଶ୍ୟକତା ରହିଛି। ଏପରିକି ସେମାନଙ୍କର ଗାଡ଼ିଚାଳନାର ଲାଇସେନ୍ସ ମଧ୍ୟ ରଦ କରି ଦିଆଯିବା ଉଚିତ୍।

ପୁଣି ଦେଖାଯାଏ ଯେ ରାଜପଥରେ ଥିବା ବିପଦପୂର୍ଣ୍ଣ ରେଳରାସ୍ତାର ଫାଟକସବୁକୁ ପାରିହେବା। ବହୁ ଜାଗାରେ ଜଗୁଆଳୀ ବିହୀନ ଫାଟକମାନ ଥାଏ। ଚାଳକମାନେ ଉଭୟ ପଟକୁ ଭଲଭାବରେ ତନଖି ନକରି ଗାଡ଼ି ଚାଳନା କରିଥାନ୍ତି। ଫଳରେ ଦ୍ରୁତ ଗତିରେ ଆସୁଥିବା ରେଳଗାଡ଼ିଗୁଡ଼ିକ ମଟରଯାନ ସହିତ ଧକ୍କା ହୁଏ ଓ ସେଥିରେ ଧନଜୀବନ କ୍ଷତି ହେବାର ନିଶ୍ଚିତ ଆଶଙ୍କା ରହିଛି। ତେଣୁ ପ୍ରତି ରେଳରାସ୍ତା ଫାଟକରେ ଜଗୁଆଳୀ ମୃତୟନ ରହିବାର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ପୁଣି ଦେଖାଯାଏ ଫାଟକ ପଡ଼ି ଯାଇଥିଲେ ମଧ୍ୟ କେତେକ ଦୁଇଚକିଆ ଯାନର ଚାଳକ ସେହି ଫାଟକର କାଠ ଦଣ୍ଡାକୁ ଉଠାଇ ତରବରରେ ରେଳଧାରଣା ପାରି ହୋଇଥାନ୍ତି। ଏହିପରି ଯିବାରେ ବହୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି। ତେଣୁ ଏସବୁକୁ ରୋକିବା ନିମନ୍ତେ ଲୋକମାନଙ୍କୁ ସଚେତନ କରିବାର ଆବଶ୍ୟକତା ଅଛି।

ଆବଶ୍ୟକତା ଅନୁସାରେ ସହରମାନଙ୍କରେ ଟ୍ରାଫିକ୍ ପୋଲିସ୍ ନାହାନ୍ତି। ଯେଉଁମାନେ ରହିଛନ୍ତି ସେମାନଙ୍କୁ ଉଚିତ୍ ପ୍ରଶିକ୍ଷଣ ମଧ୍ୟ ଦିଆଯାଉ ନାହିଁ। ରାଜରାସ୍ତାରେ ୨୪ ଘଣ୍ଟିଆ ଟ୍ରାଫିକ୍ ପୋଲିସ୍ ପହରାର ଆବଶ୍ୟକତା ଅଛି ଓ ସେମାନଙ୍କୁ ପୂର୍ଣ୍ଣ ଆଇନର କ୍ଷମତା ଦିଆଗଲେ ଘଟୁଥିବା ଦୁର୍ଘଟଣାମାନ ଯଥେଷ୍ଟ ମାତ୍ରାରେ କମିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ସଡ଼କ ସୁରକ୍ଷା ସଚେତନତା ନିମନ୍ତେ ବର୍ଷରେ ସାତଦିନ ସମୟ ଧାର୍ଯ୍ୟ କରାଯାଇଛି। ମାତ୍ର ଏପରି ସମୟ ସୀମାକୁ ବଢ଼ାଇ ଦିଆଯାଇ ବର୍ଷର ବିଭିନ୍ନ ସମୟରେ କରାଯିବା ଉଚିତ୍ ଆବଶ୍ୟକତା ରହିଛି। ସ୍ୱେଚ୍ଛାସେବୀ ସଂଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ପିଲାମାନଙ୍କୁ ଏହି କାର୍ଯ୍ୟ ନିମନ୍ତେ ସାମୟିକ ନିୟୋଜିତ କରାଗଲେ ବିଶେଷ ସୁଫଳ ମିଳିପାରନ୍ତା।

ଧର୍ମ ବନାମ ରିଲିଜିଅନ୍

ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୭

ଜୀବଟି ଏହି ସଂସାରରେ କ'ଣ କରିବ, କ'ଣ କରିବ ନାହିଁ ଓ କିଭଳି ଏକ ସୁସ୍ଥ, ସଂସ୍କୃତ ଓ ଶୃଙ୍ଖଳିତ ଜୀବନଯାପନ କରିପାରିବ ସେଥିପାଇଁ କିଛି ନିୟମାବଳୀ ତିଆରି କଲେ ଯାହାକୁ କୁହାଯାଏ ବେଦ । ରକ୍ ବେଦ, ଯର୍ଜୁ ବେଦ ଓ ସାମ୍ ବେଦ । ପ୍ରଥମେ ଏହି ତିନିଗୋଟି ବେଦର ସୃଷ୍ଟି ହେଲା । ପରବର୍ତ୍ତୀ ଅବସ୍ଥାରେ ଅଥର୍ବ ବେଦ ସୃଷ୍ଟି ହୋଇଥିଲା । ଏହି ତିନୋଟି ବେଦ ଭଗବାନଙ୍କ ନିଶ୍ୱାସରୁ ସୃଷ୍ଟି ବୋଲି କୁହାଯାଏ। ବେଦ ହିଁ ସୃଷ୍ଟିର ପ୍ରଥମ ଧର୍ମ ଗ୍ରନ୍ଥ। ତା'ପରେ ବେଦାନ୍ତ, ଉପନିଷଦ, ବ୍ରାହ୍ମଣ, ଆରଣ୍ୟକ ଇତ୍ୟାଦି ଧର୍ମଗ୍ରନ୍ଥ ନିଜର ଆତ୍ମ ପ୍ରକାଶ କରିଥିଲେ। ଏ ସମସ୍ତ ଗ୍ରନ୍ଥ ଜୀବଜଗତର ବିଶେଷ କରି ମାନବ ସମାଜର କଲ୍ୟାଣ ପାଇଁ ରଚନା ହୋଇଥିଲା । ଧର୍ମଗୁରୁମାନେ ମଣିଷ ସମାଜକୁ ଉଚିତ୍ ମାର୍ଗରେ ଚାଲିବା ପାଇଁ ଅନେକ ଗ୍ରନ୍ଥ ରଚନା କଲେ । ମୁନି ଋଷିମାନେ ନିଜର ଦୀର୍ଘ ସାଧନା, ତପ ଓ ଅନୁଭୂତିକୁ ପାଥେୟ କରି ସମଗ୍ର ଜୀବ ଜଗତର ମଙ୍ଗଳ ପାଇଁ ଯେଉଁ ଉପଦେଶ ଦେଲେ ତାହାହିଁ ହେଲା ଧର୍ମ । ଧର୍ମ ଗ୍ରନ୍ଥ ହେଲା ମାନବ ଜୀବନର ସମ୍ବିଧାନ । ସର୍ବଜନ ମଙ୍ଗଳ ଓ ସର୍ବଜନ ହିତାୟ ହେଲା ମୁଖ୍ୟ ଲକ୍ଷ୍ୟ । କେଉଁ କାର୍ଯ୍ୟ କରଣୀୟ, କେଉଁ କାର୍ଯ୍ୟ କରଣୀୟ ନୁହେଁ, କ'ଣ କଲେ ଜୀବ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ, ସେହି ଉପଦେଶ ଧର୍ମଗ୍ରନ୍ଥ ମାନଙ୍କରେ କୁହାଯାଇଛି । ପୃଥିବୀରେ ଜନ୍ମ ନେଇଥିବା ପ୍ରତ୍ୟେକ ମଣିଷ ପାଇଁ ତାହା ଉଦ୍ଦିଷ୍ଟ । ଏହି ଧର୍ମ ସନାତନ ସଂସ୍କୃତି ବା ସନାତନ ଧର୍ମ ବୋଲି କୁହାଯାଏ। ଭଗବଦ୍ ଗୀତା ଭଗବାନଙ୍କ ମୁଖ ନିଃସୃତ ବାଣୀ। ଭଗବାନ ନିଜର ପ୍ରିୟ ସଖା ଅର୍ଜୁନଙ୍କୁ କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ରରେ କହିଛନ୍ତି । ଅର୍ଜୁନ ହେଉଛନ୍ତି ନିମିତ୍ତ ମାତ୍ର । ଭଗବାନ ଅର୍ଜୁନ ରୂପୀ ଏକ ଜୀବ ମାଧ୍ୟମରେ ସମଗ୍ର ମାନବ ସମାଜକୁ ଧର୍ମ ଓ ଅଧର୍ମ ସମ୍ପର୍କରେ ସୂଚନା ଦେଇଛନ୍ତି ।

ଧର୍ମକୁ ଇଂରାଜୀରେ ରିଲିଜିଅନ୍ ବୋଲି କୁହାଯାଏ । ବାସ୍ତବରେ ଧର୍ମ ଓ ରିଲିଜିଅନ୍ ଏକା କଥା ନୁହେଁ । ଏହା ଭିତରେ ଆକାଶ ପାତାଳ ପ୍ରଭେଦ ଅଛି । ସଂସ୍କୃତରେ 'ଧୃ' ଧାତୁରୁ ଧର୍ମ ଶବ୍ଦଟି ଉତ୍ପନ୍ନ। ଧରାୟତି ଇତି ଧର୍ମ। ଧର୍ମ କର୍ମ ସହିତ ଜଡ଼ିତ । ପାଣିର ଧର୍ମ ନିମ୍ନଗାମୀ ହେବା । ଅଗ୍ନିର ଧର୍ମ ଉତ୍ତାପ ପ୍ରଦାନ କରିବା । ଅଗ୍ନିଠାରୁ ଉତ୍ତାପକୁ ଅଲଗା କରି ହେବ ନାହିଁ। ଧର୍ମର ପରିଭାଷା କର୍ମକୁ ନେଇ ବଦଳିଯାଏ। ଜଣେ ଛାତ୍ରର ଧର୍ମ ଅଧ୍ୟୟନ କରିବା ଓ ଜଣେ ଶିକ୍ଷକର ଧର୍ମ ଶିକ୍ଷା ଦାନ କରିବା । ଜଣେ ବ୍ୟକ୍ତି ଯେତେବେଳେ କୌଣସି ସରକାରୀ କିମ୍ବା ବେସରକାରୀ ଚାକିରୀ କରୁଥାଏ ସେତେବେଳେ ସେ ତା'ର ରାଜଧର୍ମ ପାଳନ କରେ। ଘରକୁ ଫେରି ସ୍ତ୍ରୀ ସହିତ ଆଳାପ ଆଲୋଚନା କରିବା ବେଳେ ସେ ସ୍ୱାମୀ ଧର୍ମ ପାଳନ କରେ। ଜଣେ ସୈନିକ ସୀମାରେ ରହି ଯଦି ଜଣେ ଅନୁପ୍ରବେଶକାରୀ ବା ଆତଙ୍କବାଦୀକୁ ହତ୍ୟାକରେ ତା'ହେଲେ ସେ ତା'ର ଧର୍ମ ସଠିକ୍ ଭାବରେ ପାଳନ କରୁଥିବାରୁ ତାଙ୍କୁ ସମ୍ମାନିତ କରାଯାଏ। କିନ୍ତୁ ଯଦି ସେ ସୈନିକଟି ନିଜ ଗାଁରେ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଜାନୁଆରୀ ୨୦୨୪ ବୁଧବାର

ଆଭା

ସମସ୍ୟାରେ ଏକଲା ସନ୍ତାନ

'ଆମେ ଦୁଇ ଆମର ଦୁଇ'- ଏହି ସ୍ଲୋଗାନ୍ ୧୯୫୪ ମସିହାରେ ଭାରତରେ ବେଶ୍ ଚହଳ ପକାଇଥିଲା। ଚାଇନା ପରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମ' ଆରମ୍ଭ ହୋଇଥିଲା। ଦମ୍ପତିଙ୍କୁ ସନ୍ତାନସନ୍ତତି ସଂଖ୍ୟା ଦୁଇରେ ସୀମିତ ରଖିବାକୁ ସରକାର ଆହ୍ୱାନ କରିଥିଲେ। କିନ୍ତୁ ସମୟକ୍ରମେ ଆଧୁନିକତା, ଆର୍ଥିକସ୍ଥିତି ଓ ଶିକ୍ଷା ଖର୍ଚ୍ଚରେ ବ୍ୟାପକ ବୃଦ୍ଧି ଯୋଗୁଁ ଏବେ ଏହା 'ଆମେ ଦୁଇ ଆମର ଏକ'କୁ ସଂକୁଚିତ ହୋଇଛି। ଆଜିକାଲି ଅଧିକାଂଶ ଦମ୍ପତି ନିଜର ପୁଅ ହେଉ ବା ଝିଅ, ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ରହୁଛନ୍ତି। ତେବେ ଏହି ଚିନ୍ତାଧାରାକୁ ଲାଗିଛି ଧକ୍କା। ଏକଲା ସନ୍ତାନମାନେ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଥ୍ୟ କହେ, ଓଡ଼ିଶାରେ ୩.୨ ପ୍ରତିଶତ ପିଲା ଏହି ସମସ୍ୟାର ଶିକାର। ଦେଖାଯାଉଛି, ସନ୍ତାନଟି ଅତ୍ୟଧିକ ସ୍ନେହ-ଶ୍ରଦ୍ଧା ପାଇ ଜିଦିଆ ହୋଇଯାଉଛି। ଆଉ ଦାବି ମୁତାବକ ଜିନିଷ ନମିଳିଲେ ବିରକ୍ତ ଓ କ୍ରୋଧିତ ହେଉଛି। ବୟସ ବଢ଼ିବା ସହ ଏହା କ୍ରମଶଃ ଉଗ୍ରରୂପ ଧାରଣ କରୁଛି। ଏଣୁ ବାପା-ମା'ଙ୍କୁ ଛୋଟ ବୟସରୁ ସନ୍ତାନକୁ ଅନୁଧ୍ୟାନ କରି ସାମାଜିକ ସମ୍ପର୍କ ବଢ଼ାଇବା, ତାର ଅବାଞ୍ଛିତ ଚାହିଦାକୁ ପ୍ରଶ୍ରୟ ନଦେବା ଏବଂ ଛୋଟ ଛୋଟ କଥାରେ ନ ରାଗି ସ୍ନେହରେ ବୁଝାଇବା ଆବଶ୍ୟକ। ଏକଲା ସନ୍ତାନଙ୍କ ଏହି ସମସ୍ୟକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ 'ଡିପେଣ୍ଡାନ୍ସି ସିଣ୍ଡ୍ରୋମ୍' ଭାବେ ଅଭିହିତ କରିଛି। ଶାରୀରିକ ଓ ମାନସିକ ବିକାଶ ଜନିତ ସମସ୍ୟା, ନିଦ୍ରାହୀନତା, ମେଦବହୁଳତା, କଥା କହିବାରେ ଅସୁବିଧା, ଦୃଷ୍ଟିଶକ୍ତିରେ ସମସ୍ୟା, ଚିଡ଼ିଚିଡ଼ାପଣ ଆଦି ଏହାର ଅନ୍ତର୍ଗତ।

ପିଲାଙ୍କ ସହିତ ପିଲା ହେବାକୁ ପଡ଼ିବ

କର୍ମମୟ ଜୀବନରେ ଆଜିକାଲି ବାପା ମା'ମାନେ ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ରହୁଛନ୍ତି। ଫଳରେ ପିଲାଟି ସାମାଜିକ ବନ୍ଧନରୁ ଦୂରେଇଯାଏ। ତା' ଭିତରେ ବିରକ୍ତି ଓ କ୍ରୋଧ ବଢ଼ିଥାଏ। ସେଥିପାଇଁ ଆମେ ପିଲାଟିକୁ ତା' ସ୍ତରକୁ ଯାଇ ବୁଝିବା ଦରକାର। ଏକଲା ରହିବାଦ୍ୱାରା ତା' ଭିତରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ। ସେ ନିଜ କଥା ଅନ୍ୟ ଆଗରେ ପରିପ୍ରକାଶ କରିପାରେନାହିଁ, ବିରକ୍ତି ପ୍ରକାଶ କରେ। ଫଳରେ ପିଲାଟି ଅବସାଦଗ୍ରସ୍ତତା ଆଡ଼କୁ ଗତି କରେ। ଶିଶୁ ଓ କିଶୋରଙ୍କ ଭିତରେ ଦୁଃଖ, କ୍ରୋଧ, ସ୍ନେହ, ନିଃସଙ୍ଗତା, ହତାଶାବୋଧ ସବୁ ରହିଛି। ଏ ସବୁକୁ ନେଇ ସେମାନେ ବେଶ୍ ଭାବପ୍ରବଣ। ତେଣୁ ସେମାନେ କିପରି ସକାରାତ୍ମକ ହେବେ ସେଥିପ୍ରତି ଅଭିଭାବକମାନେ ଧ୍ୟାନ ଦେବା ଦରକାର।

ଡାକ୍ତର ବିଭୁଦତ୍ତ ମିଶ୍ର
ଶିଶୁରୋଗ ବିଶେଷଜ୍ଞ, ଜଗନ୍ନାଥ ହସ୍‌ପିଟାଲ୍, ଭୁବନେଶ୍ୱର

ପିଲାକୁ ନା' କହିବା ଶିଖନ୍ତୁ

ଗୋଟିଏ ସନ୍ତାନ ହେବା ଦ୍ୱାରା ବାପା-ମା'ଙ୍କର ଗେହ୍ଲା ଓ ଭଲପାଇବା ବଢ଼ିଯାଏ, ଫଳରେ ପିଲାଟି ମନରୁ ଡର ଛାଡ଼ିଯାଏ। ସେମାନଙ୍କର ଜିଦି ବଢ଼େ। ଜିଦି ନ ରହିଲେ ଚିଡ଼ିଚିଡ଼ାପଣ ଆସେ। ପୁଣି ସମବୟସ୍କ ଖେଳସାଥୀ ନଥିବାରୁ ଏକଲାପଣ ବଢ଼ିଯାଏ। ଛୋଟ ଛୋଟ କଥାରେ ବିଚଳିତ ହେବା ବଢ଼ିଯାଏ ଓ ସହନଶୀଳତା କମିଯାଏ। ଦୁଇଟି ସନ୍ତାନ ଥିଲେ ସେମାନଙ୍କ ଭିତରେ ଏକ ସ୍ନେହର ବନ୍ଧନ ଥାଏ। ଯାହାଦ୍ୱାରା ଜଣେ ଜଣଙ୍କର ଯତ୍ନ ନେବା, ଭୁଲ୍ ଠିକ୍ ବୁଝାଇବା ଏବଂ ଜଣେ ଜଣଙ୍କୁ ଅନୁକରଣ କରି ସବୁ ଶିଖିଯାଏ। କିନ୍ତୁ ଏକଲା ରହିବା ଦ୍ୱାରା ତା'ର ବ୍ୟକ୍ତିତ୍ୱରେ ବିକାଶ ହୋଇପାରେ ନାହିଁ। ଫଳରେ ମାନସିକ ଚାପ ବଢ଼ିବା ସହିତ ପ୍ରତ୍ୟେକ ଜିନିଷରେ ଅଧିକ ଆଶା ରହିଥାଏ। ସେଥିପାଇଁ ଛୋଟବେଳୁ ସେମାନଙ୍କ ସବୁ କଥାରେ 'ହଁ' ନ ଭରି ଆବଶ୍ୟକ ସ୍ଥଳେ ନା' କହିବା ନିହାତି ଦରକାର।

ଡାକ୍ତର ତନୁୟିନୀ ଦାସ, ମାନସିକରୋଗ ବିଶେଷଜ୍ଞ,
ମେଣ୍ଟାଲ୍ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍, ଏସ୍‌ସିବି ମେଡିକାଲ୍ କଲେଜ୍, କଟକ

କମୁଛି ମହିଳା-ପୁରୁଷ ଆୟୁଷ ବ୍ୟବଧାନ

ଭେଷଜ ବିଜ୍ଞାନର ବିକାଶ ସାଙ୍ଗକୁ ସାମଗ୍ରିକ ଭାବେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟି ଆମମାନଙ୍କର ମୃତ୍ୟୁହାର କମିବା ସହ ହାରାହାରି ବୟସ ଯଥେଷ୍ଟ ବୃଦ୍ଧି ପାଇଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୧୯୫୦ ମସିହା ବେଳକୁ ବିଶ୍ୱ ସ୍ତରରେ ମନୁଷ୍ୟର ହାରାହାରି ଜୀବନଧାରଣ କ୍ଷମତା ୪୬ରୁ ୪୮ ବର୍ଷ ରହିଥିବା ବେଳେ ୨୦୨୦ ମସିହା ବେଳକୁ ତାହା ସାଢ଼େ ୭୨ ବର୍ଷରୁ ୭୩ ବର୍ଷ ଯାଏ ହୋଇପାରିଛି। ତେବେ ପୁରୁଷ ଓ ମହିଳାଙ୍କ ଆୟୁଷ ମଧ୍ୟରେ ଏକ ବ୍ୟବଧାନ ରହିଆସିଛି। ଏହି ବ୍ୟବଧାନ ଏବେ କମିବାରେ ଲାଗିଛି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାଯାଇଛି। ସ୍ପେନ୍‌ର ଆଲକାକା ବିଶ୍ୱବିଦ୍ୟାଳୟର ଅର୍ଥନୀତି ଓ ବାଣିଜ୍ୟ ପରିଚାଳନା ବିଭାଗର ଗବେଷକମାନଙ୍କ ଦ୍ୱାରା ସଂପନ୍ନ ହୋଇଥିବା ଗବେଷଣାରେ ଉତ୍ତର ଆମେରିକା, ୟୁରୋପ, ଜାପାନ, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ଆଦି ୧୯୦ଟି ଦେଶର ଲୋକମାନଙ୍କ ହାରାହାରି ବୟସକୁ ବିଚାରକୁ ନେଇ ଏକ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରାଯାଇଛି। ୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା। ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି। ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି। ସେହିପରି ୨୦୩୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ଆୟୁଷ ୮୬.୫୪ ବର୍ଷ ଓ ପୁରୁଷମାନଙ୍କର ୮୩.୧୩ ବର୍ଷ ହେବ ବୋଲି ଆକଳନ କରାଯାଉଛି। ମହିଳାମାନଙ୍କର ହାରାହାରି ବୟସ ଅଧିକ ରହିଥିଲେ ହେଁ ପୁରୁଷଙ୍କ ତୁଳନାରେ ସେମାନଙ୍କର ମୃତ୍ୟୁହାର ଅଧିକ ରହୁଥିବାରୁ ବୟସ ବ୍ୟବଧାନ ଏପରି କମି ଆସୁଥିବା ଜଣାଯାଇଛି।

ଏହି କ୍ଷେତ୍ରରେ ଅତ୍ୟଧିକ କଲରା ଖାଇବା ମନା

ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ। ଏଭଳି ଏକ ପରିବା ହେଉଛି କଲରା। କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ। କଲରା ଖାଇବାର ମଜା ଯିଏ ଜାଣିଛନ୍ତି ସେମାନଙ୍କର ଏହି ପରିବା ପ୍ରିୟ ପରିବା ଭିତରେ ଗଣା ହୋଇଯାଏ। ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ।

କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ। ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ।

କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି। ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ।

କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ। ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ।

ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ୍ୟ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ।

ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ। ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ। ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ। ଅସ୍ତ୍ରୋପଚାର ପରେ ମଧ୍ୟ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି।

ଡେରିରେ ଉଠିବା ଭଲ ଲକ୍ଷଣ !



ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରିବା ଲାଗି ଆମେ ସର୍ବଦା ପିଲାମାନଙ୍କୁ ଉପଦେଶ ଦେଉ। ତେବେ ସକାଳୁ ସକାଳୁ ଶଯ୍ୟା ଛାଡ଼ିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଖବର ଆଣିଛନ୍ତି ଆମେରିକାର ମାସାଚ୍ୟୁସେଟ୍‌ସ ଜେନେରାଲ ହସ୍ପିଟାଲ୍‌ର ଦଳେ ଗବେଷକ। ସେମାନେ ଚଳାଇଥିବା ଅନୁଧ୍ୟାନ ଅନୁଯାୟୀ, ଯେଉଁମାନେ ସକାଳେ ଶୀଘ୍ର ଉଠିଥା'ନ୍ତି ସେମାନଙ୍କ ଠାରେ 'ଆନୋରେକ୍ସିଆ ନର୍ଭୋସା' ନାମକ ଏକ ପ୍ରକାର ଖାଦ୍ୟ ବିକାର ଦେଖାଦେବାର ଆଶଙ୍କା ଅଧିକ ଥାଏ। ଏଥି ସହିତ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ସହିତ ଆନୋରେକ୍ସିଆ ନର୍ଭୋସା ମଧ୍ୟରେ ଥିବା ସଂଯୋଗ ବାବଦରେ ମଧ୍ୟ ଗବେଷକମାନେ ଜାଣିପାରିଛନ୍ତି। ପୂର୍ବ ଗବେଷଣାରୁ ଖାଦ୍ୟ ବିଶୃଙ୍ଖଳା ଓ ଶରୀରର ଆଭ୍ୟନ୍ତରୀଣ ଘଣ୍ଟା ବା 'ସର୍କାଡିଆନ୍ କ୍ଲକ୍' ମଧ୍ୟରେ ସଂଯୋଗ ଥିବା କଥା ସ୍ପଷ୍ଟ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଏହି ସର୍କାଡିଆନ୍ କ୍ଲକ୍ ହିଁ ଶରୀରର ନିଦ୍ରା ସମେତ ଅନେକ ଜୈବିକ କ୍ରିୟାକୁ ନିୟନ୍ତ୍ରଣ କରିଥାଏ। ଗବେଷକମାନେ ଆନୋରେକ୍ସିଆ ନର୍ଭୋସା ସହ ଜଡ଼ିତ ଗୁଣସୂତ୍ର ଓ ମର୍ନିଂ କ୍ରୋନୋଟାଇପ୍ (ରାତିରେ ଶୀଘ୍ର ଶୋଇ ସକାଳେ ଶୀଘ୍ର ଉଠିବା) ସହ ଜଡ଼ିତ ଗୁଣସୂତ୍ର ମଧ୍ୟରେ ଏକ ଦ୍ୱିପାକ୍ଷିକ ସମ୍ପର୍କର ସନ୍ଧାନ କରିପାରିଛନ୍ତି। ତାହାକୁ ବିଶ୍ଳେଷଣ କଲା ପରେ ଇନ୍‌ସୋମ୍ନିଆ ସହ ଜଡ଼ିତ ଗୁଣସୂତ୍ର ମଧ୍ୟ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଆନୋରେକ୍ସିଆ ନର୍ଭୋସା ପରି ରୋଗର କାରଣ ସଠିକ୍ ଭାବେ ଜଣାପଡ଼ିନଥିବା ବେଳେ ଏହାର ଚିକିତ୍ସା ମଧ୍ୟ ସୀମିତ। ସେହିପରି ବିଭିନ୍ନ ପ୍ରକାର ମାନସିକ ରୋଗରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ମଧ୍ୟରେ ଆନୋରେକ୍ସିଆ ନର୍ଭୋସା ରୋଗୀଙ୍କ ସଂଖ୍ୟା ଦ୍ୱିତୀୟ ସର୍ବାଧିକ। ତେଣୁ, କେହି ଯଦି ସ୍ୱତଃପ୍ରବୃତ୍ତ ଭାବେ ସକାଳେ ବିଳମ୍ବରେ ଉଠୁଛି, ତେବେ ତାହାକୁ ପରୋକ୍ଷରେ ଏକ ସୁସ୍ଥ ଅବସ୍ଥା ବୋଲି ଭାବିବାକୁ ପଡ଼ିବ।

ଏହି ସମୟରେ ଦାନ୍ତ ଘଷନ୍ତୁ ନାହିଁ

ସକାଳୁ ଉଠି ମୁହଁ ଧୋଇ ଦାନ୍ତ ଘଷିବା ଅଭ୍ୟାସ ଆମ ସମସ୍ତଙ୍କର ରହିଛି। କାରଣ ଆମେ ଖାଇ ସାରି ରାତିରେ ଶୋଇବା ପରେ ଆମ ପାଟିରେ ଥିବା ବୀଜାଣୁମାନେ ଶ୍ୱେତସାର ଜାତୀୟ ଖାଦ୍ୟକୁ ଭାଙ୍ଗି ଏକ ପ୍ରକାର ଅମ୍ଳରେ ପରିଣତ କରିଥା'ନ୍ତି। ଏହା ଆମ ଦାନ୍ତ ଉପରେ 'ପ୍ଲାକ୍' ନାମକ ଏକ ପ୍ରକାର ସ୍ତର ହୋଇ ବସିଯାଏ ଯାହା ଆମର ଦନ୍ତକ୍ଷୟର କାରଣ ସାଜିଥାଏ। ତେଣୁ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଦାନ୍ତ ଘଷିବା ନିହାତି ଆବଶ୍ୟକ। ତେବେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦାନ୍ତ ଘଷିବା କ୍ଷତିକାରକ ହୋଇଥାଏ।

କ୍ଷଖାଇ ସାରି ସଙ୍ଗେ ସଙ୍ଗେ ଦାନ୍ତ ଘଷିବାକୁ ଦନ୍ତ ବିଶେଷଜ୍ଞମାନେ ବାରଣ କରିଥାନ୍ତି। କାରଣ ଖାଇବା ପରେ ଦାନ୍ତଗୁଡ଼ିକ ଅମ୍ଳୀୟ ହୋଇଯାଇଥାଏ। ସେହି ସମୟରେ ଦାନ୍ତ ଘଷିଲେ ଦାନ୍ତରୁ ଅଧିକ ପରିମାଣର ବାହ୍ୟ ଆବରଣ (ଏନାମେଲ୍) ଛାଡ଼ିଯାଇଥାଏ। ତେଣୁ ଖାଇବାର ଅତି କମ୍‌ରେ ୩୦ରୁ ୬୦ ମିନିଟ୍ ପରେ ଦାନ୍ତ ଘଷିବା ଉଚିତ। ଏହି ସମୟ ଭିତରେ ପାଟିର ଲାଳରସ ଉକ୍ତ ଅମ୍ଳକୁ ନିଷ୍କ୍ରିୟ କରିଦେଇଥିବ। କ୍ଷବାନ୍ତି କରିବା ପରେ ମଧ୍ୟ ଦାନ୍ତ ଘଷିବା ଅନୁଚିତ। କାରଣ ବାନ୍ତି ବେଳେ ପାକସ୍ଥଳୀରୁ ଉଚ୍ଚମାନର ଦନ୍ତ କ୍ଷୟକରୀ ଅମ୍ଳ ନିର୍ଗତ ହୋଇଥାଏ। ତେଣୁ ହଠାତ୍ ଦାନ୍ତ ଘଷିବା ଦ୍ୱାରା ତାହା ଦାନ୍ତ ସାରା ଖେଳାଇ ହୋଇଯିବା ସହ ଏନାମେଲ୍ କ୍ଷୟର କାରଣ ସାଜିବ। ତେଣୁ ବାନ୍ତି କରିବାର ଅଧଘଣ୍ଟାଏ ପରେ ଯାଇ ଦାନ୍ତ ଘଷିବା ଉଚିତ।

କ୍ଷକଫି ପିଇବା ପରେ ପରେ ଦାନ୍ତ ଘଷିବା କ୍ଷତିକାରକ। କାରଣ କଫି ପିଇବା ପରେ ପାଟି ଭିତରର ପିଏଚ୍ ସ୍ତର କମିଯାଇ ଏକ ଅମ୍ଳୀୟ ପରିବେଶ ସୃଷ୍ଟି କରିଥାଏ। ତେଣୁ ସଙ୍ଗେ ସଙ୍ଗେ ଦାନ୍ତ ଘଷିଲେ ଅନୁରୂପ ଭାବେ ଦନ୍ତକ୍ଷୟର ଆଶଙ୍କା ରହିଛି। ଏ କ୍ଷେତ୍ରରେ ମଧ୍ୟ ଅଧଘଣ୍ଟାଏ ପରେ ଦାନ୍ତ ଘଷିଲେ ଭଲ।



ବ୍ରଣ କମାଇବ ବ୍ରଣ ସୃଷ୍ଟିକାରୀ ବୀଜାଣୁ

ମୁହଁରେ ବ୍ରଣ ଉଠି ତ୍ୱଚାକୁ କଦର୍ଯ୍ୟ କରିବା ସହ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ତେବେ କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ ବୈଜ୍ଞାନିକମାନେ ଏବେ ତାହାର ଉପଚାର ପାଇଁ ଏକ ଅଭିନବ କୌଶଳ ବିକଶିତ କରିଛନ୍ତି। ଆମ ଚର୍ମରେ ରହିଥିବା ବିଭିନ୍ନ ପ୍ରକାର ବୀଜାଣୁମାନଙ୍କ ଭିତରେ 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ହେଉଛି ଅନ୍ୟତମ। ଏହା ଆମ ଚର୍ମକୁ ବାହ୍ୟ ସୁରକ୍ଷା ଯୋଗାଇଥାଏ। ତେଣୁ ଆମ ଚର୍ମ ପାଇଁ ଏହା ଏକ ଅପରିହାର୍ଯ୍ୟ ବୀଜାଣୁ। ଏହା ଚର୍ମର ଲୋମକୂପ ବାଟେ ଚର୍ମର ଅଭ୍ୟନ୍ତରକୁ ପଶି 'ସିବମ୍' ନାମକ ଏକ ପ୍ରକାର ତୈଳୀୟ ପଦାର୍ଥ ଝରାଇଥାଏ। ଏହା ଚର୍ମ ଉପରେ ଆଖପାଖ ମୃତକୋଷମାନଙ୍କୁ ଅଠା ପରି ଏକାଠି କରି ଚର୍ମରେ ରହିଥିବା ରନ୍ଧ୍ରଗୁଡ଼ିକୁ ଅବରୋଧ କରିଦେଇଥାଏ, ଯାହା ଚର୍ମ ଉପରେ ବ୍ରଣ ସୃଷ୍ଟିର କାରଣ ସାଜିଥାଏ।

ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି।

ବହୁ ପରିମାଣର ସିବମ୍ ଓ ମୃତ କୋଷ ମିଶି ବ୍ରଣର ଆକାର ବଢ଼ାଇଥାନ୍ତି। ତେବେ ବ୍ରଣକୁ ଭଲ କରିବା ଲାଗି ଆମେ ସାଧାରଣତଃ ଆଣ୍ଟିବ୍ୟାକ୍ଟେରିଆ କ୍ରିମ୍ ବ୍ୟବହାର କରିଥାଉ। ମାତ୍ର ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି। ସେମାନେ ଉକ୍ତ ବୀଜାଣୁର ଗୁଣସୂତ୍ରରେ ସାମାନ୍ୟ ପରିବର୍ତ୍ତନ ଆଣି ଏକ ନୂତନ ପ୍ରଜାତିର 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ଉଦ୍ଭବ କରାଇଛନ୍ତି। ଏହି ନୂତନ ବୀଜାଣୁ ସିବନ କ୍ଷରଣକୁ ହ୍ରାସ କରାଇ ବ୍ରଣ ସୃଷ୍ଟିକୁ କମାଇପାରିବ। ତେବେ ଏହି ନୂଆ ପ୍ରଜାତିର ବୀଜାଣୁର ପରୀକ୍ଷା ନିରୀକ୍ଷା ମୂଷା ଚର୍ମ ଉପରେ ସଫଳ ହୋଇଥିବା ବେଳେ ମନୁଷ୍ୟ ଚର୍ମରେ ତାହାର ଅନୁକୂଳ ପ୍ରଭାବ ପାଇଁ ଗବେଷଣା ଜାରି ରହିଛି।

ତ୍ୱଚା ପାଇଁ ରାମବାଣ ସଦୃଶ୍ୟ ଡାଳିମ୍ବ ଜୁସ୍

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି। ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ। ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ। ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ। ସେଓ ରସ: ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଠାରୁ ଦୂରେଇ ରଖି ହେବ ବୋଲି ଏକ କଥା ରହିଛି। ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ। ଏଥିରେ ସନ୍ଦେହ ନାହିଁ। ଏହାଛଡ଼ା ଆପଣ ଏଥିରେ ଖିର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି। **ମୌସୁମି ରସ:** ମୌସୁମି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ। ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସୁମି ଜୁସ୍ ପିଇଥାନ୍ତି। ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ। **ଡାଳିମ୍ବ ରସ:** ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ। ଦୈନିକ ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ। **ସପୁରୀ ରସ:** ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ। ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ।

ଅତ୍ୟନ୍ତ ବିପଜ୍ଜନକ ଅଟେ ବାସି ଖାଦ୍ୟ

30 YEARS
ସମୟ ଜନିକା
ଭୁବନେଶ୍ୱର,୩୧ ଜାନୁଆରୀ, ବୁଧବାର, ୨୦୨୪
ପୃଷ୍ଠା – ୬

ଡୋପିଂ ପାଇଁ ୪ ବର୍ଷ ବ୍ୟାନ୍ ହେଲେ ରୁଷ୍‌ର ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ

ନୂଆଦିଲ୍ଲୀ

ରୁଷ୍ ସ୍କେଟିଂକୁ ବଡ଼ ଝଟକା। ଡୋପିଂ ପାଇଁ ରୁଷ୍‌ର ୧୭ ବର୍ଷୀୟ ସ୍କେଟର କାମିଲା ଭାଲିଭାଙ୍କ ଉପରେ ଲାଗିଲା ଚାରି ବର୍ଷର ବ୍ୟାନ୍ ୨୦୨୨ ୱିଣ୍ଟର ଅଲିମ୍ପିକ୍ ପୂର୍ବରୁ ହୋଇଥିବା ଡୋପିଂ ଟେଷ୍ଟରେ ବିଫଳ ହେବା କାରଣରୁ ସୋମବାର ତାଙ୍କ ଉପରେ ବ୍ୟାନ୍ ଲଗାଯାଇଛି। ଘଟଣାକୁ ସ୍ପଷ୍ଟ କରିଛି କୋର୍ଟ ଅଫ୍ ଆର୍ବିଟେସନ ଫର ସ୍ପୋର୍ଟ।

ତେବେ ଏହି ନିଷ୍ପତ୍ତି ପରେ ରୁଷ୍ ଅଲିମ୍ପିକ୍ କମିଟି ଦୁଇ ବର୍ଷ ତଳେ ଅଲିମ୍ପିକ ଟିମ୍ ପ୍ରତିଯୋଗିତାରେ ଜିତିଥିବା ସ୍ୱର୍ଣ୍ଣ ପଦକ ଫେରସ୍ତ ହୋଇଯିବ। ରିପୋର୍ଟରେ କୁହାଯାଇଛି ଯେ, ଏହି ଗୋଲ୍ଡ ମେଡାଲ ଏବେ ଆମେରିକା ଟିମ୍‌କୁ ମିଳିପାରେ। ପ୍ରକୃତରେ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସୀ, ଖେଳାଳିଙ୍କ ନିରପେକ୍ଷତା ନେଇ ସିଏଏସ୍ ନିକଟରେ ଅପିଲ କରିଥିଲା।

ଯାହା ପରେ କୋର୍ଟ ଏହି ନିଷ୍ପତ୍ତି ନେଇଥିଲେ। ଏହା ସହ କୋର୍ଟ ନିଷ୍ପତ୍ତିରେ ଆହୁରି କହିଛନ୍ତି ଯେ, ଟେଷ୍ଟିଂ ପରଠାରୁ ଏପର୍ଯ୍ୟନ୍ତ ଏହି ୧୭ ବର୍ଷୀୟ ଖେଳାଳିଙ୍କ ଦ୍ୱାରା ଖେଳାଯାଇଥିବା ପ୍ରତିଯୋଗିତାର ଫଳାଫଳ ଏବଂ ୨୦୨୨ ଗେମ୍ସରେ ଆରଓସି ପାଇଁ ଜିତିଥିବା ମେଡ଼ାଲକୁ ଅମାନ୍ୟ କରାଯାଉଛି। ତେବେ ଡୋପିଂ ଟେଷ୍ଟ ପଜିଟିଭି ରିପୋର୍ଟ, ୨୦୨୨ରେ ବେଜିଂ ଅଲିମ୍ପିକ୍‌ରେ ତାଙ୍କ ଟିମ୍ ସ୍ୱର୍ଣ୍ଣ ପଦକ ଜିତିବାର ଗୋଟିଏ ଦିନ ପରେ ଆସିଥିଲା।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଭଲିଭା ଡିସେମ୍ବର ୨୦୨୧ରେ ରୁଷ୍ ଜାତୀୟ ଚମ୍ପିୟନସିପ୍‌ରେ ପ୍ରତିବନ୍ଧିତ ପଦାର୍ଥ ଟ୍ରାଇମେଟାଜିଡାଇନ ଟେଷ୍ଟିଂର ରିପୋର୍ଟ ମଧ୍ୟ ପଜିଟିଭ ଆସିଥିଲା ସେତେବେଳେ କିନ୍ତୁ ତାଙ୍କ ଟିମ୍ କହିଥିଲେ। ହୁଏତ ଭଲିଭା ତାଙ୍କ ଜେଜେବାପାଙ୍କ ହୃଦ୍‌ରୋଗର ଔଷଧ ଖାଇଦେଇଥାଇ ପାରନ୍ତି।

ରୋହିତ ଶର୍ମାଙ୍କୁ ମଣ୍ଟି ପାନେସରଙ୍କ ଚେତାବନୀ

ଟିମ୍ ଇଣ୍ଡିଆକୁ ୫-୦ରେ ହରାଇବ ଇଂଲଣ୍ଡ

ମୁମ୍ବାଇ

ଆରମ୍ଭ ହୋଇଛି ଭାରତ-ଇଂଲଣ୍ଡ ୫ଟିକିଆ ଟେଷ୍ଟ ସିରିଜ୍ ହାଇଦ୍ରାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ୨୮ ରନ୍‌ରେ ବିଜୟୀ ହୋଇଛି। ଟିମ୍ ଇଂଲଣ୍ଡ ଯାହାଫଳରେ ସିରିଜ୍‌ରେ ୦-୧ରେ ଆଗୁଆ ରହିଛି। ଭ୍ରମଣକାରୀ ଦଳ ତେବେ ଇଂଲଣ୍ଡର ବିଜୟକୁ ନେଇ ବଡ଼ ବୟାନ ଦେଇଛନ୍ତି ପୂର୍ବତନ କ୍ରିକେଟର ମଣ୍ଟି ପାନେସର।

ସେ କହିଛନ୍ତି ଯେ, ଯଦି ଇଂଲଣ୍ଡ ଟିମ୍ ଏହିପରି ଭାବେ ପ୍ରଦର୍ଶନ କରେ ତେବେ ସିରିଜ୍ ୦-୫ରେ ବିଜୟୀ ହେବାର ସମ୍ଭାବନା ରହିଛି। ଟିମ୍ ପାଖରେ ଅନେକ ଦକ୍ଷ ଖେଳାଳି ଅଛନ୍ତି। ତେଣୁ ଏହା କୌଣସି ଅସମ୍ଭବ ନୁହେଁ। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଯେଉଁଭଳି ଭାବେ ଟିମ୍ ପଛରେ ଥିଲା, ଆଉ ୨ୟ ଇନିଂସରେ ଲଢେଇ କରି ମ୍ୟାଚ୍ ବିଜୟୀ ହୋଇଥିଲା ତାହା ପ୍ରଶଂସାଯୋଗ୍ୟ। ଖାସ୍ କରି ଓଲି ପୋପ ଏବଂ ଟମ୍ ହାର୍ଟଲିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ଏହି ଦୁଇ ଖେଳିଳା ଯଦି ନିଜର ଶ୍ରେଷ୍ଠ ପ୍ରଦର୍ଶନ

କରିବେ। ତେବେ ଭାରତ ବିପକ୍ଷ ସିରିଜ୍ ୱାଇଟ୍‌ୱାସ୍ କରିବା ସହଜ ହେବ।

ସେହିପରି ଭାରତୀୟ ଟିମ୍ ମଧ୍ୟ କମ୍‌ବ୍ୟାକ୍ କରିବାରେ ମାହିର। ଖାସ୍ କରି ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କୁ ନଜର ରଖିବାକୁ ପଡ଼ିବ। ଯଦି ରୋହିତ ଶର୍ମା ପୂରା ଫର୍ମକୁ ଫେରନ୍ତି ତେବେ ସେ ଏକାହିଁ ଟିମ୍‌କୁ ଆଗକୁ ନେବାର ମାହିର। ଗତ ମ୍ୟାଚ୍‌ରେ ଭାରତୀୟ ଟିମ୍‌କୁ ବିରାଟଙ୍କ ଅନୁପସ୍ଥିତି ଜଣାପଡିଥିଲା। ଯଦି ବିରାଟ ପ୍ରଥମ ଟେଷ୍ଟ ଖେଳୁଥାନ୍ତେ ତେବେ ପରିଣାମ କିଛି ଅଲଗା ହୋଇଥାନ୍ତା।

ସୂଚନାଯୋଗ୍ୟ ଯେ, ହାଇଦ୍ରାବାଦ ଟେଷ୍ଟରେ ପ୍ରଥମ ବ୍ୟାଟିଂ କରି ୨୪୬ ରନ୍ କରିଥିଲା ଇଂଲଣ୍ଡ। ଜବାବରେ ଭାରତୀୟ ଟିମ୍ ପ୍ରଥମ ପାଳିରେ ୪୨୦ ରନ୍ କରିଥିଲା। କିନ୍ତୁ ୨ୟ ଇନିଂସରେ ଦମ୍‌ଦାର ପ୍ରଦର୍ଶନ କରିଥିଲା ଇଂଲଣ୍ଡ। ଖାସ୍ କରି ଓଲି ପୋପଙ୍କ ବ୍ୟାଟିଂ ଏବଂ ଟମ୍ ହାର୍ଟଲିଙ୍କ ଜବରଦସ୍ତ ବୋଲିଂ ବଳରେ ଭାରତ ଏହି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଆଉ ସିରିଜ୍ ୦-୧ରେ ଆଗୁଆ ରହିଛି ଟିମ୍ ଇଂଲଣ୍ଡ।

ପୁରୁଷ ଓ ମହିଳା ଭଲିବଲ୍ ଟିମ୍‌ର ଭୁବନେଶ୍ୱର ଗସ୍ତ

ବାଲେଶ୍ୱର, ନ୍ୟୁଜ୍

ନୂଆ-ଓ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଜେତା ହୋଇଥିବା ବାଲିଆପାଳର ପୁରୁଷ ଭଲିବଲ୍ ଟିମ୍ ଏବଂ ନୀଳଗିରିର ମହିଳା ଭଲିବଲ୍ ଟିମ୍ ବାଲେଶ୍ୱର ଜିଲ୍ଲାକୁ ପ୍ରତିନିଧିତ୍ୱ କରି ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଭୁବନେଶ୍ୱର ଗସ୍ତ କରିଛନ୍ତି। ପ୍ରକାଶ ଥାଉକି ସେମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାର ସାମନା କରିବେ। ଏଥି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉଭୟ ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ ବିଦାୟ ଦେଇଥିଲେ ଏବଂ ରାଜ୍ୟ ସ୍ତରରେ ସଫଳତା ହାସଲ କରିବା ପାଇଁ ଶୁଭ ମନାସି ଥିଲେ। ଉଲ୍ଲେଖ ଯୋଗ୍ୟ ଯେ ପୁରୁଷ ଭଲିବଲ୍ ଟିମ୍‌ରେ ଜଣେ ପରିଚାଳକଙ୍କୁ ମିଶାଇ ମୋଟ୍ ୧୬ଜଣ ସଦସ୍ୟ ରହିଥିବା ବେଳେ ମହିଳା ଭଲିବଲ୍ ଟିମ୍‌ରେ ଜଣେ ପରିଚାଳକଙ୍କୁ ମିଶାଇ ମୋଟ୍ ୧୧ଜଣ ସଦସ୍ୟ ରହିଛନ୍ତି। ଉଭୟ ଟିମ୍ ସହ ପୁରୁଷୋତ୍ତମ ଦାସ ଓ ବସୁମତୀ ଭୂୟାଁ ଏସ୍କର୍ଟ ଅଫିସର ଭାବେ ଗସ୍ତ କରିଛନ୍ତି। ଉଭୟ ଦଳର ସଦସ୍ୟମାନଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ସଫଳତାର ଶୁଭକାମନା କରାଯାଇଛି।

ବିଦ୍ୟାଳୟରୁ ଖୋଜାହେବେ ପ୍ରତିଭା : ୧୪ ପ୍ରକାର କ୍ରୀଡ଼ାରେ ଭାଗନେବେ ୮ରୁ ୧୪ ବର୍ଷର ଛାତ୍ରଛାତ୍ରୀ

ଭୁବନେଶ୍ୱର

କ୍ରୀଡ଼ାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହକିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କ୍ରୀଡ଼ାରେ କିପରି ଓଡ଼ିଶାର ପିଲା ଭଲ କରିବେ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଏହିକ୍ରମରେ ରାଜ୍ୟବ୍ୟାପୀ ବିଦ୍ୟାଳୟସ୍ତରରୁ ପ୍ରତିଭା ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ-୨୦୨୪ ପାଇଁ ବିଦ୍ୟାଳୟ ପଞ୍ଜୀକରଣ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୮ରୁ ୧୪ ବର୍ଷର (୨୦୧୦ ମେ ୧ରୁ ୨୦୧୬ ମେ' ୧ ମଧ୍ୟରେ ଜନ୍ମିତ) ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

ମୋଟ୍ ୧୪ କ୍ରୀଡ଼ା ଯଥା- ଆଥଲେଟିକ୍ସ, ଆର୍ଚେରୀ, ବାସ୍କେଟବଲ, ସାଇକଲିଂ, ଫେନ୍‌ସିଂ, ଫୁଟବଲ, ଜିମ୍ନାଷ୍ଟିକ୍, ହକି, ଜୁଡ଼ୋ, ଖୋ-ଖୋ, ସୁଇମିଂ, ଭଲିବଲ, ଭାରୋତ୍ତଳନ ଏବଂ କୁସ୍ତି ଆଦି ବିଦ୍ୟାଳୟସ୍ତରରେ ହେବ। ଗତ ୨୫ ତାରିଖରୁ ଏଥିପାଇଁ ବିଦ୍ୟାଳୟ ପଞ୍ଜୀକରଣ ଆରମ୍ଭ ହୋଇଛି। ପଞ୍ଜୀକରଣର ଶେଷ ତାରିଖ ଆସନ୍ତା ୩୧ ତାରିଖ ରହିଛି। ଏହି କାର୍ଯ୍ୟକ୍ରମରେ କିପରି ବିଦ୍ୟାଳୟ ଗୁଡ଼ିକ ଅଂଶଗ୍ରହଣ କରିବା ସହ ଶ୍ରେଷ୍ଠ ପ୍ରତିଭା ପଞ୍ଜୀକରଣ କରିବେ; ସେ ଦିଗରେ ପଦକ୍ଷେପ ନେବାକୁ ଓସେପାକୁ ଅନୁରୋଧ କରାଯାଇଛି।

ଦର୍ଶକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଲେ ଚେସ୍ ମାଷ୍ଟର ଦିବ୍ୟା

ନୂଆଦିଲ୍ଲୀ

ଭାରତୀୟ ମହିଳା ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ଦର୍ଶକଙ୍କ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ନେଦରଲାଣ୍ଡରେ ୱିଜକ ଆନ ଜିରେ ନିକଟରେ ସମ୍ପନ୍ନ ଟାଟା ଷ୍ଟିଲ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଦର୍ଶକଙ୍କ ଆଶାଳୀନ ବ୍ୟବହାରର ସମ୍ମୁଖୀନ ହୋଇଥିବା କହିଛନ୍ତି। ଦିବ୍ୟା ସେ କହିଛନ୍ତି, ଦର୍ଶକ ଟୁର୍ଣ୍ଣାମଣ୍ଟରେ ତାଙ୍କ ଖେଳକୁ ନୁହେଁ ବରଂ ତାଙ୍କ ଚୁଟି, ବେଶଭୂଷା, ପୋଷାକ ଓ ଅଙ୍ଗଭଙ୍ଗୀ ପରି ଅପ୍ରାସଙ୍ଗିକ ଜିନିଷ ଉପରେ ଧ୍ୟାନ ଦେଉଥିଲେ। ନାଗପୁରର ୧୮ ବର୍ଷୀୟ ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ସାମାଜିକ ଗଣମାଧ୍ୟମରେ ଏକ ଲମ୍ବା ଲେଖା ପୋଷ୍ଟ କରି ନିଜର ଅନୁଭୂତି ବଖାଣିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, କିଭଳି ଜଣେ ମହିଳା ଖେଳାଳିଙ୍କୁ ନିୟମିତ ଭାବେ ଲିଙ୍ଗ ଭେଦଭାବର ସାମ୍ନା କରିବାକୁ ପଡ଼ିଥାଏ।

ସେ ଲେଛନ୍ତି, ମୁଁ ଗତ କିଛି ଦିନ ପୂର୍ବରୁ ଏହି ବିଷୟରେ ସଭିଙ୍କ ଧ୍ୟାନ

ଆକର୍ଷିତ କରିବାକୁ ଚାହୁଁଥିଲି। ଏଥିପାଇଁ ଟୁର୍ଣ୍ଣାମେଣ୍ଟ ସରିବାକୁ ଅପେକ୍ଷା କରିଥିଲି। ମୁଁ ଦେଖିବାକୁ ପାଇଲି ଯେ, ଚେସ୍‌ରେ କିଭଳି ଜଣେ ମହିଳାଙ୍କୁ ସର୍ବଦା ଦର୍ଶକଙ୍କ ଦ୍ୱାରା ନକରାତ୍ମକ ଆଭିମୁଖ୍ୟର ସାମ୍ନା କରିବାକୁ ପଡ଼ିଥାଏ। ଏହାର ସବୁଠୁ ବଡ଼ ଉଦାହରଣ ଟାଟା ଷ୍ଟିଲ୍ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟ ମୁଁ କିଛି ମ୍ୟାଚ୍ ଖେଳିଛି, ଯେଉଁଥିରେ ଭଲ ସମ୍ମାନ ମିଳିଛି, ଯାହା ଉପରେ ମୁଁ ନିଜକୁ ଗର୍ବ ଅନୁଭବ କରେ।

ଦିବ୍ୟା ଲେଛନ୍ତି, ମୋତେ ଲୋକେ ଜଣାଇଲେ ଯେ ଦର୍ଶକଙ୍କୁ ଖେଳରେ କୌଣସି ରୁଚି ନାହିଁ। ସେମାନେ କେବଳ ଦୁନିଆର ଅନ୍ୟ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଯେମିତି ମୁଁ କେମିତି ପୋଷାକ ପିନ୍ଧିଛି, ଚୁଟି କେମିତି ରହିଛି, ଅଙ୍ଗଭଙ୍ଗୀ କେମିତି ରହିଛି। ଦିବ୍ୟା ଟାଟା ଷ୍ଟିଲ୍ ମାଷ୍ଟର୍ସରେ ଚ୍ୟାଲେଞ୍ଜର୍ସ ବର୍ଗରେ ୪.୫ ସ୍କୋର ସହ ୧୨ମ ସ୍ଥାନରେ ରହିଛନ୍ତି। ସେ ଏହା ମଧ୍ୟ ଲେଖିଛନ୍ତି। ପୁରୁଷ ଖେଳାଳିଙ୍କୁ ନିଜର ଖେଳ ପାଇଁ ଚର୍ଚ୍ଚାରେ ରହୁଛନ୍ତି। କିନ୍ତୁ ମହିଳାଙ୍କୁ ଅନ୍ୟ ଦିଗରେ ଦେଖା ଯାଉଛି। ଏହା ଏକ ବାସ୍ତବ ଦୁଃଖଦ କଥା। ଯେବେ ଜଣେ ମହିଳା ଚେସ୍ ଖେଳେ ସେ ସର୍ବଦା ନିଜର ଖେଳ ଉପରେ ଧ୍ୟାନ ଦେଇଥାଏ। ସେ କେତେ ସୁନ୍ଦର ଦେଖାଯାଏ ସେଥିପ୍ରତି ଧ୍ୟାନଦିଏ ନାହିଁ। ମୁଁ ଏହା ଦେଖି ବହୁତ ନିରାଶ ଯେ, ଦର୍ଶକମାନେ ମୋ ଖେଳକୁ ଛାଡ଼ି ବାକି ଅନ୍ୟ ସବୁ ଉପରେ ଧ୍ୟାନ ଦେଲେ ବହୁତ କମ୍ ଲୋକ ମୋ ଖେଳ ଉପରେ ଧ୍ୟାନ ଦେଇଥିଲେ।

ମହିଳା ଖେଳାଳିଙ୍କୁ ସାଧାରଣତଃ କମ୍ ପ୍ରଶଂସା ମିଳେ। ମହିଳା ଖେଳାଳିଙ୍କୁ ଅନ୍ୟ ଦୃଷ୍ଟିରେ ଦେଖାଯାଏ। ମୋତେ ଲାଗୁଛି ମହିଳା ପ୍ରତି ଦିନ ଏଭଳି ବ୍ୟବହାରର ସାମ୍ନା କରୁଥିବେ। ମୁଁ ମୁସ୍କିଲରେ ଏବେ ୧୮ ବର୍ଷ ବୟସର ମୁଁ ଅନେକ ସମୟରୁ ଏହି ଘୃଣିତ ବ୍ୟବହାର ଦେଖି ଆସିଛି, ଯାହା ଗୁରୁତ୍ୱହୀନ ଅଟେ। ମହିଳାଙ୍କୁ ସମ୍ମାନ ମିଳିବା ଉଚିତ ବୋଲି ଏହି ଅନ୍ତର୍ଜାତୀୟ ଚେସ୍ ଖେଳାଳି କହିଛନ୍ତି।

କ୍ରିକେଟର ମୟଙ୍କ ଅଗ୍ରୱାଲ ଆଇସିୟୁରେ ଭର୍ତ୍ତି

ଅଗରତଲା

ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରୱାଲଙ୍କ ହଠାତ ଅସୁସ୍ଥତା ସମ୍ପର୍କରେ ମଙ୍ଗଳବାର ସୂଚନା ମିଳିଛି। ସେ ତ୍ରିପୁରାର ରାଜଧାନୀ ଅଗରତଲାଠାରୁ ସୁରଟ ଅଭିମୁଖେ ଯାତ୍ରା କରୁଥିଲେ। ଏହି ସମୟରେ ହଠାତ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯିବାରୁ ତାଙ୍କୁ ବିମାନରୁ ଓହ୍ଲାଯାଇ ଅଗରତଲାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ସେ ତାଙ୍କ ରଣଜୀ ଦଳ କର୍ଣ୍ଣାଟକର ଅଧିନାୟକ ଭାବେ ଖେଳୁଥିଲେ। ୨୬ ରୁ ୨୯ ଜାନୁଆରୀ ପର୍ଯ୍ୟନ୍ତ ତ୍ରିପୁରା ବିପକ୍ଷରେ ମ୍ୟାଚ୍ ଖେଳିବା ପରେ ସେ ପରବର୍ତ୍ତୀ ମ୍ୟାଚ୍ ପାଇଁ ପ୍ରସ୍ତୁତି କରିବାକୁ ସୁରଟ ଯାଉଥିଲେ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ CAD-3907
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୨୯୦୭ / ଭୁ.ଉ.କ., ଭୁବନେଶ୍ୱର CRE-08/88 — **ସୂଚନା** — ତା ୨୨.୦୧.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ମୌଜା- ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ୍ ନଂ-K-7-759 କୁ **ଶ୍ରୀ ବିଜୟ କୃଷ୍ଣ ଦାସ, ପିତା-ଗୁଣନିଧି ଦାସ, ଗ୍ରାମ/ପୋଷ୍ଟ-ମାର୍କଣ୍ଡେଶ୍ୱର ସାହି ଭଟଜଗା ନିକଟସ୍ଥ ପୁରୀ, ଥାନା- ପୁରୀ ଟାଉନ, ଜିଲ୍ଲା ପୁରୀ, ଓଡ଼ିଶା** ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ବିଜୟ କୃଷ୍ଣ ଦାସ** ଉକ୍ତ ପ୍ଲଟକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଗୁରୁବିନ୍ଦର ସିଂହ ଆରୋରା, ପିତା-ସ୍ୱର୍ଗତ ଗୁରୁବକ୍ସ ସିଂହ, ଗ୍ରାମ-ଏଫ-୭୯ ପୋରଭି ମାର୍ଗ, ବସନ୍ତ ବିହାର, ଦିଲ୍ଲୀ-୧୧୦୦୫୭ଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0611/2324

e-mail: eerwbnjr@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
O-2309
"e" Procurement Notice for Road Works
Identification No. Online Tender /27/ RWDBNJ/2023-2024
No. 498 — Date: 25.01.2024

1. Name of the work :: Road Works
2. Total Number of works :: 6 Nos
3. Estimated cost :: 6.42 Lakh to 25.20 Lakh
4. Class of Contractor :: B , C and D Class of Contractor
5. Period of Completion :: (Two) 2 Calendar Months.
6. Other details: ::

Procurement Officer	Bid Identification No	Availability of tender online for bidding	
		From	To
Superintending Engineer, R.W.Division, Bhanjangar	Online Tender/27/ RWDBNJ/2023-2024	31.01.2024 to at 10.00 A.M.	08.02.2024 upto 3.00 P.M.

Further details can be seen from the website: - www.tendersOdisha.gov.in
Sd/- Superintending Engineer
R.W.Division, Bhanjanagar
OIPR-25174/11/0055/2324

ସାମୁଦ୍ରିକ ତୃଣ : ସୁଯୋଗର ସାଗର

ଶ୍ରୀମତୀ ନୀତୁ ପ୍ରସାଦ
ସଚିବ (ସାମୁଦ୍ରିକ ମତ୍ସ୍ୟପାଳନ)
ମତ୍ସ୍ୟ ବିଭାଗ
ମତ୍ସ୍ୟ ଚାଷ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ,
ଭାରତ ସରକାର

ତୃଣଗୁଡ଼ିକୁ ଅବାଞ୍ଛିତ, ଅସୁନ୍ଦର କିମ୍ବା ସମସ୍ୟାଦାୟକ ବୋଲି ବିବେଚନା କରାଯାଏ, ବିଶେଷକରି ଯେଉଁଠାରେ ଏହା ଅନିଚ୍ଛାକୃତ ଭାବେ ବଢିଥାଏ ଏବଂ ଅଧିକାଂଶ ସମୟରେ ଦ୍ରୁତ ଗତିରେ ବଢିଥାଏ କିମ୍ବା ବିସ୍ତାରିତ ହୁଏ କିମ୍ବା ଇଚ୍ଛିତ ଗଛର ସ୍ଥାନ ନେଇଥାଏ। ତେବେ, ସିଓ୍ୱିଡ୍ ବା ସାମୁଦ୍ରିକ ତୃଣ ଶବ୍ଦ ଶୁଣିଲେ ଆପଣଙ୍କ ମନକୁ କ'ଣ ଆସେ? ଆମ ମଧ୍ୟରୁ ଅଧିକାଂଶଙ୍କ ପାଇଁ ଏହା ଦଳର ସାମୁଦ୍ରିକ ସଂସ୍କରଣ ଯାହା ଜଳ ମାର୍ଗରେ ବାଧା ସୃଷ୍ଟି କରେ। ସାମୁଦ୍ରିକ ଶୈବାଳର ଏହି ପରିବାରର ବିପୁଳ ଅର୍ଥନୈତିକ ସମ୍ଭାବନା ବିଷୟରେ ବହୁତ କମ୍ ଲୋକ ଜାଣନ୍ତି।

ସମୁଦ୍ରର ଏକ ଆଶ୍ଚର୍ଯ୍ୟଜନକ ଉଦ୍ଭିଦ ଭାବରେ ସାମୁଦ୍ରିକ ତୃଣ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରୁଛି। ଏହା ପ୍ରଜନନ ଏବଂ ଖାଦ୍ୟ ଯୋଗାଣ କ୍ଷେତ୍ର ଭାବରେ କାର୍ଯ୍ୟ କରି ସାମୁଦ୍ରିକ ଜୈବ ବିବିଧତାକୁ ସମର୍ଥନ କରେ। ଏହା କାର୍ବନ ଶୋଷଣ କରିଥାଏ, ସମୁଦ୍ରକୁ ଅମ୍ଳମୁକ୍ତ କରିଥାଏ ଏବଂ ଅତିରିକ୍ତ ପୋଷକ ତତ୍ତ୍ୱ ଅବଶୋଷଣ କରିଥାଏ ଯାହା କ୍ଷତିକାରକ ଶୈବାଳ ଫୁଟିବାର କାରଣ ହୋଇପାରେ। ଏହା ଉପକୂଳବର୍ତ୍ତୀ ଜନ ସମୁଦାୟମାନଙ୍କ ପାଇଁ ଏକ ନବୀକରଣ ଯୋଗ୍ୟ ସମ୍ବଳ ମଧ୍ୟ ହୋଇପାରେ, ଯାହାକି ଜଳବାୟୁ ପରିବର୍ତ୍ତନ ଦ୍ୱାରା କ୍ରମାଗତ ଭାବରେ ପ୍ରଭାବିତ ହେଉଥିବା ମତ୍ସ୍ୟ ବଜାର ତୁଳନାରେ ସେମାନଙ୍କୁ ଅଧିକ ସ୍ଥିର ଆୟ ପ୍ରଦାନ କରିଥାଏ। ଅନୁମାନ କରାଯାଉଛି ଯେ ଏକ ଟନ୍ ସାମୁଦ୍ରିକ ତୃଣ ୧୨୦ କିଲୋ ଗ୍ରାମ ଅଙ୍ଗାରକାମ୍ଳ (ସିଓ୨), ଦୁଇ କିଲୋଗ୍ରାମ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଜାନୁଆରୀ ୨୦୨୪ ବୁଧବାର

ସ୍ୱାଧୀନତା ସଂଗ୍ରାମୀ ରତ୍ନମାଳି ଜେମାଙ୍କ ଶ୍ରାଦ୍ଧବାର୍ଷିକ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ
ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ , ମହିୟସୀ ନାରୀନେତ୍ରୀ , ଓଡ଼ିଶା ବିଧାନସଭାର ପୂର୍ବତନ ବିଧାୟିକା ତଥା କୁଜଙ୍ଗଗାନ୍ଧି ନାରାୟଣ ବୀରବର ସାମନ୍ତଙ୍କ ସହଧର୍ମୀଣୀ ସ୍ୱର୍ଗତା ରତ୍ନମାଳି ଜେମାଙ୍କ ଦଶମ ଶ୍ରାଦ୍ଧବାର୍ଷିକ ଜଗତସିଂହପୁର ସାରସ୍ୱତ ପରିଷଦ ଓ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବେ ସାରସ୍ୱତ ପରିଷଦ ସଭାପତି ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ତାଙ୍କ ବକ୍ତବ୍ୟରେ ରତ୍ନମାଳି ଜେମା କୁଜଙ୍ଗ ରାଜପରିବାରରେ ଜନ୍ମ ନେଇଥିଲେ ମଧ୍ୟ ଲବଣସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଠାଗାରର ଉପଦେଷ୍ଟା ବିଜୟ କୁମାର ପତି, ଶିକ୍ଷାବିତ୍ ସତ୍ୟାବଦୀ ଦାସ, ସତ୍ୟବାଦୀ ସାହୁ ଓ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇ ଭାରତର ମୁକ୍ତି ସଂଗ୍ରାମକୁ ରତ୍ନମାଳି ଜେମା ଓ ନାରାୟଣ ବୀରବର ସାମନ୍ତଙ୍କ ଅବଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଶେଷରେ ଅଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

ଭୁବନେଶ୍ୱର : ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଗାନ୍ଧୀପାର୍କରେ ଥିବା ପ୍ରତିମୂର୍ତ୍ତି ନିକଟରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା । (ଫଟୋ : ସମ୍ବାଦ କଳିକା)

ବାରିପଦା ପୌରପାଳିକା ପକ୍ଷରୁ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାରିପଦା, ନ୍ୟୁଜ ବ୍ୟୁରୋ
ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜର ବିଦାୟୀ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ବାରିପଦା ପୌରପାଳିକା ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପ ନଗରପାଳ ସୀମା ଦାସ ଓ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ । ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୨୮ ଟି ୱାର୍ଡରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସହ ପୋଖରୀ ଗୁଡିକର ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଭୂମିକା ଉଲ୍ଲେଖନୀୟ ବୋଲି ନଗରପାଳ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ । ବାରିପଦା ମ୍ୟୁନିସିପାଲିଟିର ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଦା ସର୍ବଦା ଉତ୍ସାହିତ କରୁଥିଲେ ବୋଲି ଉପ ନଗରପାଳ ପ୍ରକାଶ କରି ଭାବବିହ୍ୱଳ ହୋଇପଡ଼ିଥିଲେ । ବାରିପଦା ମ୍ୟୁନିସିପାଲିଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ନଗରପାଳ ଓ ତାଙ୍କ ଟିମର କାର୍ଯ୍ୟକୁ ବେଶ ପ୍ରଶଂସା କରିଥିଲେ ଜିଲ୍ଲାପାଳ ମହୋଦୟ । ଶେଷରେ ନଗରପାଳ, ଉପନରପାଳ ଓ ଉପସ୍ଥିତ କାଉନସିଲର ଜିଲ୍ଲାପାଳଙ୍କୁ ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର କର୍ମକର୍ତ୍ତା ଓ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ ।

ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଦ୍ୱାରା ସଫେଇ ଅଭିଯାନ

ଯାଜପୁର, ନ୍ୟୁକ ବ୍ୟୁରୋ
ଜିଲ୍ଲାର ଅଗ୍ରଣୀ ଶିଳ୍ପସଂସ୍ଥା ଜିନ୍ଦଲ ଷ୍ଟେନଲେସ ଲିମିଟେଡ ତରଫରୁ ଆବର୍ଜନା ସଫେଇ କାର୍ଯ୍ୟକ୍ରମ ଦାନଗଦି ସ୍ଥିତ ସୋଲେଇ ଗ୍ରାମରେ ଗତ ତା୨୩.୦୧.୨୦୨୪ ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନରେ ସୋଲେଇ ଏବଂ ସିଙ୍ଗାଗଡିଆ ଗ୍ରାମର ୫୫ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ଗ୍ରାମର ମୁଖ୍ୟରାସ୍ତା ସହିତ ବିଭିନ୍ନ ଗଳି ରାସ୍ତା ଗୁଡିକୁ ଆବର୍ଜନା ମୁକ୍ତ କରାଯାଇଥିଲା। ଏଥିସହିତ ଗ୍ରାମ୍ୟ ପରିବେଶକୁ ଆବର୍ଜନା ମୁକ୍ତ ରଖିବା ପାଇଁ ଲୋକଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମ ସହିତ ରାସ୍ତା ଦୁଇ ପାର୍ଶ୍ୱ ରେ ଥିବା ନାଳନର୍ଦ୍ଦମା ଗୁଡ଼ିକ ରେ ବର୍ଷ ବର୍ଷ ଧରି ପଡି ରହିଥିବା ଅଳିଆ ଆବର୍ଜନା କୁ ପରିଷ୍କାର କରି ବ୍ଲୀଚିଙ୍ଗ ପାଉଡର ସିଞ୍ଚନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିନ୍ଦଲ ସିଏସଆର ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ପରେ ସ୍ୱେଚ୍ଛାସେବୀ ସଂସ୍ଥା ଗ୍ରୀନଡ୍ରୀମ ଫାଉନ୍‌ଡ଼େସନ ର ଅଧିକାରୀଙ୍କ ତତ୍ତ୍ୱାବଧାନ ରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୮୬୫ କିଗ୍ରା ଆବର୍ଜନା ସଂଗ୍ରହ କରାଯାଇଥିଲା। ପ୍ରକାଶଥାଉକି ଜିନ୍ଦଲ ଷ୍ଟେନଲେସ ତାର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ସୋଲେଇ,ସିଙ୍ଗାଗଡିଆ, ଦାନଗଦି, ପ୍ରଭୃତି ଗ୍ରାମଗୁଡିକରୁ ବର୍ଜବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ କରି ଆସୁଅଛି। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତିଦିନ ଗ୍ରାମ ଗୁଡିକରୁ ଆବର୍ଜନା ସଂଗ୍ରହ କରିବାସହିତ ଗ୍ରାମବାସୀ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ବର୍ଜବସ୍ତୁ ପରିଚାଳନା ସମ୍ବନ୍ଧରେ ସଚେତନତା କରାଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଦା ଅଳିଆ ରୁ ଉଚକୋଟିର ଖତ ପ୍ରସ୍ତୁତ କରି ଗ୍ରାମ ମହିଳା ମାନଙ୍କୁ ପରିବା ଚାଷ ନିମନ୍ତେ ଯୋଗାଇ ଦିଆ ଯାଉଛି। ଏଥିପାଇଁ ଏକ ବର୍ଜବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇ ଏଥିରେ ୮ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଜେଏସଏଲ ର ଏହିପରି କାର୍ଯ୍ୟକ୍ରମ କୁ ସ୍ୱୟଂସହାୟକ ଗୋଷ୍ଠୀ, ଯୁବକସଂଘ ଓ ସ୍ଥାନୀୟ ଅଧିବାସୀ ମାନେ ଭୂୟଶୀ ପ୍ରଶଂସା କରିଥିଲେ । ।

ଓୟୁଏଟିରେ ମହାବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ଭୁବନେଶ୍ୱର, ନ୍ୟୁକ ବ୍ୟୁରୋ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟ ର ସାଇନ୍ସ କମିଟି ଦ୍ୱାରା ଆଜି ୫୮ ତମ ମହାବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି ।
ମହାବିଦ୍ୟାଳୟର ସାଇନ୍ସ କମିଟି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଡଃ.ନନ୍ଦିତା ସ୍ୱାଇଁ କାର୍ଯ୍ୟକ୍ରମ ଯୋଗ ଦେଇ ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀ ମାନଙ୍କର ବିଜ୍ଞାନରେ ରୁଚି ସହିତ ନିଜର ଅନ୍ତର୍ନିହିତ ଗୁଣାବଳୀ ର ପରିପ୍ରକାଶ ହୋଇପାରୁଛି ବୋଲି କହିଥିଲେ । ସମାଜରେ ଘଟୁଥିବା ଅନେକ ସମସ୍ୟାର ସମାଧାନ ଦିଗରେ ବିଦ୍ୟାର୍ଥି ମାନଙ୍କ ଚିନ୍ତାଧାରା ଅନେକଙ୍କୁ ପ୍ରେରଣା ଯୋଗାଇ ଥାଏ ବୋଲି କହିଥିଲେ। ମହାବିଦ୍ୟାଳୟ ପରିସର ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦ ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୁ ୬୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବା ସହିତ ୩୦ ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ସିଫା ର ପ୍ରଧାନ ବୈଜ୍ଞାନିକ ଡଃ. ପ୍ରିୟବ୍ରତ ସ୍ୱାଇଁ ଓ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ଡଃ. ବାସୁଦେବ କର ଦ୍ୱାରା ଶ୍ରେଷ୍ଠ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ।
ମହାବିଦ୍ୟାଳୟ ର ସାଇନ୍ସ କମିଟି ର ଉପସଭାପତି ଡକ୍ଟର ରୋଜାଲିନ ପଟ୍ଟନାୟକ ବିଚାରକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଙ୍କ ସଫଳ ମାର୍ଗଦର୍ଶନ ଓ ପ୍ରୋତ୍ସାହନ ଫଳରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିଥିଲା ବୋଲି କହିଥିଲେ।
ଏଥି ସହିତ ଛାତ୍ରଛାତ୍ରୀମାନଙ୍କ ଯୋଗଦାନ ବିଜ୍ଞାନ ପ୍ରଦର୍ଶନୀ ସଫଳ ହୋଇପାରିଛି ବୋଲି କହିଥିଲେ । ସାଇନ୍ସ କମିଟିର ଅଧ୍ୟକ୍ଷ ବିଭୁ ରଞ୍ଜନ ସ୍ୱାଇଁ ,ସହ ଅଧ୍ୟକ୍ଷ ଶୁଭମ୍ ବେହେରା ଓ ଇନ୍ ଚାର୍ଜ ବିଶ୍ୱଜିତ ବଳିୟାରସିଂହ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସଫଳ ଭୂମିକା ଗ୍ରହଣ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଜଳ ଅମୂଲ୍ୟ...

ମେଗା ଲିଫ୍ଟକୁ ସାମିଲ କରାଯାଇଛି ଓ ମା'ମାନେ ଯେପରି ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟାରେ ଯୋଗ ଦେଇପାରିବେ ସେଥିପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ପାଣି ପଞ୍ଚାୟତରେ ମା'ମାନେ ବହୁତ ଭଲ କାମ କରୁଛନ୍ତି ବୋଲି କହି ସେ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି ମଧ୍ୟ କହିଥିଲେ ଯେ ଆମର ଚାଷୀଭାଇମାନେ ହେଉଛନ୍ତି ଆମର ଶକ୍ତି। ସେମାନଙ୍କ ଶକ୍ତି ବଢ଼ିଲେ ଓଡ଼ିଶାର ଶକ୍ତି ବଢିବ। ଚାଷୀ ମାନଙ୍କ ଉନ୍ନତି ତାଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଚାଷୀମାନଙ୍କ ଜମିକୁ ପର୍ଯ୍ୟାପ୍ତ ପାଣି ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଜଳସମ୍ପଦ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ୫-ଟି ଉପକ୍ରମରେ ରାଜ୍ୟରେ ଜଳସେଚନ ପ୍ରକଳ୍ପ ଗୁଡିକରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି ଏବଂ ଠିକ ସମୟରେ କାମ ଶେଷ କରାଯାଉଛି । କମାଣ୍ଡ ଏରିଆର ବିକାଶ ପାଇଁ ରାଜ୍ୟ ସରକାର ୬୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଆନ୍ତରିକତା ଯୋଗୁ ଆଜି ସବୁ କ୍ଷେତ୍ରରେ ରୂପାନ୍ତର ଆସିଛି। କୃଷି ଓ ଜଳସେଚନ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିଛି । ପାଣି ପଞ୍ଚାୟତ ଜରିଆରେ ଚାଷୀମାନେ ଜଳର ସଦୁପଯୋଗ କରି ଭଲ ଫସଲ କରିପାରୁଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରି ଜଗତସିଂହପୁର ମା' ବାଟମାଙ୍ଗଳା ପାଣି ପଞ୍ଚାୟତର ସଭାପତି ମମତା ଦାସ ଏବଂ ଗଞ୍ଜାମ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ପାଣି ପଞ୍ଚାୟତର ସଂପାଦକ ମଦନ ମୋହନ ବିଶ୍ୱାଳ କହିଥିଲେ ଯେ ପାଣି ପଞ୍ଚାୟତ ଯୋଗୁ ଆମେ ପାଣିର ଉଚିତ ବ୍ୟବହାର କରିପାରୁଛୁ । ଏପରିକି ସ୍ୱଳ୍ପ ବୃଷ୍ଟି ସମୟରେ ଭଲ ଫସଲ କରିପାରୁଛୁ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପାଣି ପଞ୍ଚାୟତର ପ୍ରୋଟୋଟାଇପର ଶୁଭାରମ୍ଭ କରିବା ସହିତ ସେଚ ସହଭାଗିତା ୨.୦ ଶୀର୍ଷକ ଏକ କଫି ଟେବଲ ପୁସ୍ତକ ଉନ୍ମୋଚନ କରିଥିଲେଫ ଏହି ଅବସରରେ ଶ୍ରେଷ୍ଠ କୃଷକ, ଶ୍ରେଷ୍ଠ ପାଣି ପଞ୍ଚାୟତ, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଶ୍ରେଷ୍ଠ ପ୍ରକଳ୍ପ ଓ ଶ୍ରେଷ୍ଠ ପ୍ରଶାସକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟର ୫୦ଟି ଶ୍ରେଷ୍ଠ ପାଣି ପଞ୍ଚାୟତକୁ ୫୦ ହଜାର ଟଙ୍କା ଲେଖାଏଁ, ୩୦ଟି ଜିଲ୍ଲାର ୩୦ ଜଣ ଶ୍ରେଷ୍ଠ କୃଷକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ୫୦୦ ଏବଂ ୫ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ଜଗତସିଂହପୁରର ମା' ବାଟମାଙ୍ଗଳା ପାଣି ପଞ୍ଚାୟତ, ଶ୍ରେଷ୍ଠ ଚାଷୀ ଭାବେ ମାଲକାନଗିରିର ପୂର୍ଣ୍ଣିମା ହାଲଦାର, ଶ୍ରେଷ୍ଠ ଛାତ୍ରୀ ଭାବେ କେନ୍ଦ୍ରାପଡାର ମନସ୍ୱୀ ଦାସ, ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୋଟେରୁ ଜଳସେଚନ ପ୍ରକଳ୍ପ ଓ ଶ୍ରେଷ୍ଠ ଅଧିକାରୀ ଭାବେ ଚିକିଟି ମାଇନର ଜଳସେଚନ ପ୍ରକଳ୍ପର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁନୀତା ଜେନା ପ୍ରମୁଖଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ପାଣି ପଞ୍ଚାୟତ ଗୁଡିକ ରାଜ୍ୟରେ ୧୩ ହଜାର କିଲୋମିଟର ଫିଲ୍ଡ ଚ୍ୟାନେଲ କରିପାରିଛନ୍ତି । ଏହା ଦ୍ୱାରା ୧୩ ଲକ୍ଷ ହେକ୍ଟର ଚାଷ ଜମିରେ ଶୃଙ୍ଖଳିତ ଜଳ ପରିଚାଳନା କରାଯାଇପାରୁଛି । ପାଣି ପଞ୍ଚାୟତ ପକ୍ଷ ପାଳନ ସମ୍ପର୍କରେ ସେ ବିସ୍ତୃତ ବିବରଣୀ ଦେଇଥିଲେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ପାଠ ପରେ ୨...

ବଣ୍ଡ ସଂପର୍କରେ କୌଣସି ସୂଚନା ନ ପାଇବା ପର୍ଯ୍ୟନ୍ତ ରାଜ୍ୟ ମେଡିକାଲ ପରିଷଦ ଦେଇପାରିବ ନାହିଁ । ଯଦି ପାଠପଢ଼ାର ୬ ମାସରେ ଭିତରେ ସରକାର ଚାକିରି ଦେବାରେ ବିଫଳ ହେବେ, ତା ହେଲେ ବଣ୍ଡ ସର୍ତ୍ତାବଳୀ ରଦ୍ଦ ହେବ। ଓଡ଼ିଶା କ୍ରିମିନାଲ ଏଣ୍ଟାର୍ଟିସମେଣ୍ଟ ଆଇନ ଅନୁସାରେ, ପଞ୍ଜୀକୃତ ହୋଇଥିବା ଘରୋଇ ଅନୁଷ୍ଠାନ ମଧ୍ୟ ସତ୍ୟପାଠ ବିନା ସଂପୃକ୍ତ ଡାକ୍ତରଙ୍କୁ ନିଯୁକ୍ତି ଦେଇପାରିବେ ନାହିଁ । ଯିଏ କୋର୍ସ ସରିବା ପୂର୍ବରୁ ପାଠ ଛାଡ଼ିବ, ସେ ୧୦ ଲକ୍ଷ ଟଙ୍କା ଦେବେ। କିମ୍ବା ଷ୍ଟାଇପେଣ୍ଡ ଫେରାଇବେ। ଯଦି ନ ଦେବେ ତେବେ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆଇନ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏପରି ନିୟମ ଆଣି ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରତି ସରକାର କଠୋର ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି । ମାତ୍ର ଏହାକୁ ଖଣ୍ଡନ କରିଛନ୍ତି ଡିଏମଇଟି। ଏନେଇ ସେ କହିଛନ୍ତି, 'ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ । ଦୁଇ ଗୁଣା ଜରିମାନା କଠୋର ନିୟମ ନୁହେଁ ବୋଲି କହିଛନ୍ତି ଡିଏମଇଟି। ସରକାରଙ୍କର କେବେ ବି ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ମନୋଭାବ ନାହିଁ । ଗୋଟିଏ ଗୋଟିଏ ରାଜ୍ୟରେ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ବଣ୍ଡ ବ୍ୟବସ୍ଥା ରହିଛି । ମାତ୍ର ଓଡ଼ିଶାରେ ଏହାକୁ ସର୍ବନିମ୍ନ ରଖାଯାଇଛି। ରାଜ୍ୟର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଏପରି ବ୍ୟବସ୍ଥା କରାଯାଇଛି ବୋଲି ମତ ରଖିଛନ୍ତି ଡିଏମଇଟି । ଏଥିସହ ସେ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଡାକ୍ତରଙ୍କ ଅଭାବ ଆଗ ପରି ନାହିଁ । ମାତ୍ର ସ୍ପେସାଲିଷ୍ଟ ପଦବୀରେ ଅଭାବ ରହୁଛି । ଏହି ନିୟମ ଦ୍ୱାରା ଏ ସ୍ପେସାଲିଷ୍ଟ ଅଭାବକୁ ବହୁ ମାତ୍ରାରେ ପୂରଣ କରି ହେବ । ଘରୋଇ ହସ୍ପିଟାଲମାନଙ୍କୁ ମଧ୍ୟ ଏଥିପ୍ରତି ନୋଟିସ ଜାରି କରାଯିବ । ସେଠାରେ କାର୍ଯ୍ୟରତ ଥିବା ଡାକ୍ତରମାନେ ମଧ୍ୟ ୨ ବର୍ଷ ସରକାରୀ ହସ୍ପିଟାଲରେ କାମ କରି ଘରୋଇ ହସ୍ପିଟାଲରେ ଯୋଗ ଦେଇଥିବା ଜଣାଇବେ।

ସବୁ ଅଦାଲତଙ୍କୁ...

ମାମଲାର ସ୍ଥାନାନ୍ତର ପାଇଁ ଅନୁମତି ଦେବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହା କହିବା ସହିତ ଜାତି ଏବଂ ଧର୍ମ କଥା ଉଲ୍ଲେଖ ତତ୍‌କାଳ ବନ୍ଦ କରାଯିବା ଦରକାର ବୋଲି କହିଛନ୍ତି।

ଅନ୍ତଃରାଜ୍ୟ...

କରାଯାଇଥିବା ବିଭିନ୍ନ ବ୍ୟବସ୍ଥାର ନୀରିକ୍ଷଣ କରିଥିଲେ । ପ୍ରତୀକ୍ଷା ସ୍ଥଳ, ପରିମଳ ବ୍ୟବସ୍ଥା, ବସ ବେ , ରେଷ୍ଟରୁମ୍ ଆଦିର ସେ ତଦାରଖ କରିଥିଲେ। ଅପରେସନ କଣ୍ଟ୍ରୋଲ ସେଣ୍ଟର (ଓସିସି)ର ସେ ପ୍ରଶଂସା କରିବା ସହ ଏହାର ସୁରକ୍ଷା ପାଇଁ ହାଇଟେକ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଯାତ୍ରୀମାନଙ୍କ ସୂଚନା ପାଇଁ ଓଡ଼ିଆରେ ଲିଖିତ ଉପଯୁକ୍ତ ସାଇନବୋର୍ଡ ଓ ମାନଚିତ୍ର ବ୍ୟବସ୍ଥା କରିବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବାକି ରହିଥିବା କାମ ତ୍ୱରାନ୍ୱିତ କରିବା ସହ ଫେବୁଆରୀ ମଧ୍ୟଭାଗ ସୁଦ୍ଧା ଶେଷ କରି ଲୋକାର୍ପଣ ପାଇଁ ଆଇଏସବିଟିକୁ ପ୍ରସ୍ତୁତ କରିବାକୁ ବିଡିଏ ଟିମକୁ ଶ୍ରୀ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିଲେ। ୧୫ ଏକରରୁ ଅଧିକ ଜମିରେ

ଉତ୍କଳ ଦୀପିକା
ଚଉଠ ପୃଷ୍ଠା
ଭୁବନେଶ୍ୱର
୩୧ ଜାନୁଆରୀ
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24





ଭୁବନେଶ୍ୱର : ବରମୁଣ୍ଡା ବସ୍ ଟର୍ମିନାଲ କାର୍ଯ୍ୟ ତଦାରଖ କରୁଛନ୍ତି 'ୟ-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ' ଭି.କେ. ପାଣ୍ଡିଆନ।
(ଫଟୋ : ସମ୍ବାଦ କଳିକା)

କିମ୍‌ସରେ ବିରଳ ଅସ୍ତ୍ରୋପଚାର

ଛାତିରୁ ବାହାରିଲା ସାଢ଼େ ଚାରିକିଲୋ ଓଜନର ଟ୍ୟୁମର



ଭୁବନେଶ୍ୱର, ୩୦।୧ ନ୍ୟୁଜ ବ୍ୟୁରୋ
ଉନ୍ନତ ଏବଂ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇବାରେ କିମ୍‌ସକୁ ମିଳିଛି ଆଉ ଏକ ସଫଳତା। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍‌ସ)ର ଡାକ୍ତରଙ୍କ ଉଦ୍ୟମ ଯୋଗୁଁ ଅସ୍ତ୍ରୋପଚାର ଜରିଆରେ ଜଣେ ମହିଳାଙ୍କ ଛାତିରୁ ବାହରିଛି ସାଢ଼େ ଚାରି କିଲୋ ଓଜନର ଏକ ଟ୍ୟୁମର। ମହିଳା ଜଣକ ଗତ ଦୁଇ ବର୍ଷ ହେବ ଛାତିରେ ଯନ୍ତ୍ରଣା ଏବଂ ଶ୍ୱାସକ୍ରିୟାରେ କଷ୍ଟ ଭୋଗୁଥିଲେ। ବର୍ଷ ବର୍ଷ ଧରି ଯନ୍ତ୍ରଣା ହେଉଥିଲା। ଏଥିପାଇଁ ସେ ଅନେକ ହସ୍‌ପିଟାଲରେ ପରାମର୍ଶ କରି କୌଣସି ସୁଫଳ ପାଇନଥିଲେ। ପରେ ସେ କିମ୍‌ସ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ପରୀକ୍ଷା ପରେ ତାଙ୍କ ଛାତିରେ ଏକ ବଡ଼ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା ଏବଂ ଅସ୍ତ୍ରୋପଚାର ଦ୍ୱାରା ଏହାକୁ ବାହାର କରାଯାଇପାରିବ ବୋଲି ଡାକ୍ତର ତାଙ୍କୁ ଆଶ୍ୱାସନା ଦେଇଥିଲେ। କିମ୍‌ସ କାର୍ଡିଓଥୋରାସିକ୍ ସର୍ଜରୀର ଆସୋସିଏଟ୍ ପ୍ରଫେସର ଡା. ଚନ୍ଦନ କୁମାର ରାୟ ମହାପାତ୍ର ଓ ଜେନେରାଲ ସର୍ଜରୀର ପ୍ରଫେସର ସୁବ୍ରତ ସାହୁ ଏହି ଅସ୍ତ୍ରୋପଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସର୍ଜିକାଲ ଟିମ୍‌ରେ ମେଡିକାଲ ଅନ୍‌କୋଲୋଜିର ଆସୋସିଏଟ୍ ପ୍ରଫେସର ଡା. ଯୋଗମାୟା ପଟ୍ଟନାୟକ, କାର୍ଡିଆକ୍ ଆନେସ୍‌ଥେସିଆ ପରାମର୍ଶଦାତା ଡା. ଅଶୋକ ବଡ଼ମାଳି ଓ ଡା. ଜ୍ଞାନରଞ୍ଜନ ମିଶ୍ର ମଧ୍ୟ ସାମିଲ ଥିଲେ। ସମସ୍ତ ଡାକ୍ତରଙ୍କ ମିଳିତ ପ୍ରୟାସରେ ସବୁଠାରୁ ବଡ଼ ଛାତି ଟ୍ୟୁମରକୁ ସଫଳତାର ସହ ବାହାର କରିବା ସମ୍ଭବ ହୋଇଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। କିଟ୍, କିସ୍ ଏବଂ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ଅସ୍ତ୍ରୋପଚାରକୁ ସଫଳତାର ସହ ପରିଚାଳନା କରିଥିବା ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଜନ୍ମଭୂମିରେ ବିରାଜିଲେ ପ୍ରଭୁ ଶ୍ରୀରାମ
ହଜାର ବର୍ଷ ପରେ ବି ଲୋକେ ୨୨ ତାରିଖକୁ ଚର୍ଚ୍ଚା କରିବେ
ପ୍ରାଣ ପ୍ରତିଷ୍ଠା ସରିବା ପରେ ୧୧ ଦିନର ଉପବାସ ଭାଙ୍ଗିଲେ ପ୍ରଧାନମନ୍ତ୍ରୀ
ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା : ନଗର ଭ୍ରମଣ କଲେ କଂସ ମହାରାଜ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପାଦକ : ପୁଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


ଉତ୍କଳ ଦୀପିକା
ଗଣତନ୍ତ୍ର ଦିବସ ଉତ୍ସବ
ରୂପାନ୍ତରିତ ଓଡ଼ିଶା : ବିକାଶର ଉଦୟଯାତ୍ରା

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପାଦକ : ପୁଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

ମଧୁବାବୁଙ୍କ ସମାଧିପୀଠ ଉନ୍ନତିକରଣ କାର୍ଯ୍ୟ ସମୀକ୍ଷାକଲେ ମୁଖ୍ୟଶାସନ ସଚିବ

କଟକ, ୩୦/୧
ନ୍ୟୁଜ ବ୍ୟୁରୋ
କଟକ ସହରରେ ଜାରିରହିଥିବା ରୂପାନ୍ତରଣ ଓ ଉନ୍ନତିକରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଚାଲୁରହିଥିଲା ବେଳେ ରାଜ୍ୟ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ଅଚାନକ ଗୋରାକବର ସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବେଳେ ଜିଲ୍ଲାପାଳ ନରହରି ସେଠୀ, କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, କଟକ ମହାନଗର ନିଗମ (ସିଏମସି) ଅତିରିକ୍ତ କମିଶନର ଅନାମ ପାତ୍ର ଓ ସୋନା ଟୁଡୁ, ସିଟି ଇଂଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ନନ୍ଦକିଶୋର ପାଲ, ଉପ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ପାତ୍ର, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ସିଏମସି ଅଧିକାରୀ ଓ କର୍ମଚାରୀ, ମଧୁସ୍ମୃତି କମିଟିର ସଦସ୍ୟ ଏବଂ ଠିକା ସଂସ୍ଥାର ମୁଖ୍ୟ ଉପସ୍ଥିତ ଥିଲେ । ମୁଖ୍ୟଶାସନ ସଚିବ ଶ୍ରୀ ଜେନା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ବାକିଥିବା ଅନ୍ୟାନ୍ୟ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏଥି ମଧ୍ୟରେ ସମାଧିପୀଠର ପ୍ରାଚୀର ନିର୍ମାଣ କାର୍ଯ୍ୟ, ଲ୍ୟାଣ୍ଡ ସ୍କେପିଂ, ପାନୀୟଜଳ ଯୋଗାଣ, ମୁଖ୍ୟ ପ୍ରବେଶ ଦ୍ୱାରର ଫାଟକ କାମ ଶେଷ ହୋଇଛି। ବିଶେଷକରି ସୌନ୍ଦର୍ଯ୍ୟକରଣ, ୱାଟର୍ ଫାଉଣ୍ଟେନ୍, ଅତ୍ୟାଧୁନିକ ଆଲୋକୀକରଣ କାର୍ଯ୍ୟ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ଚିତ୍ରକଳା, ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଉଦ୍ୟାନ, ପେଭର ବ୍ଲକ୍ ଓ ଫୁଟ୍‌ପାଥ୍ ଆଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।
ପ୍ରକାଶ ଥାଉକି, ଗତ ଫେବୃଆରୀ ୪ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ ସମାଧିପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ଏହିକାମ ପାଇଁମୋଟ ୭୫ ଲକ୍ଷ୨୯ ହଜାର ୭୯୩ ଟଙ୍କାବ୍ୟୟ ଅଟକଳ କରାଯାଇଥିଲା ।

ଲିଙ୍ଗରାଜ କୁଷ୍ଠ କଲୋନୀ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

୯୪ ହିତାଧିକାରୀ ହେଲେ ଉପକୃତ

ଭୁବନେଶ୍ୱର ୩୦/୧ ନ୍ୟୁଜ ବ୍ୟୁରୋ
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସ୍ଥାନୀୟ ପଳାଶପଲ୍ଲୀ ଠାରେ ନବ ନିର୍ମିତ ଲିଙ୍ଗରାଜ କୁଷ୍ଠ କଲୋନୀ ଲୋକାର୍ପିତ କରିଛନ୍ତି। ଏଥିରେ ୩୧ଟି ଘର ରହିଛି। ଏହାଦ୍ୱାରା ୯୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଏମାନେ ସମସ୍ତେ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଛନ୍ତି। ଏକ ମେଡିକାଲ୍ ଟିମ୍ ପ୍ରତି ସପ୍ତାହରେ ସେମାନଙ୍କ ପାଖକୁ ଯାଇ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି। ସେମାନଙ୍କ ସୁବିଧା ପାଇଁ ସେମାନଙ୍କୁ ଡ୍ରେସିଂ କିଟ୍, ଜୋତା ଓ ଟ୍ରାଇ ସାଇକଲ ପ୍ରଭୃତି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି।

ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି

ପୁରୀ, ୩୦/୧ ନ୍ୟୁଜ ବ୍ୟୁରୋ
ଆସନ୍ତାକାଲି ବୁଧବାର ମାଘ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବନକଲାଗି ନୀତି ଅତ୍ୟନ୍ତ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଚତୁର୍ଦ୍ଧା ମୂରତିଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ। କିନ୍ତୁ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନର ସୌଭାଗ୍ୟ ପାଇବେ ଭକ୍ତ ଶ୍ରଦ୍ଧାଳୁ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଦିବ୍ୟ ଅନୁଭବ ପାଇଲେ ୫ ଜିଲ୍ଲାର ଶ୍ରଦ୍ଧାଳୁ

ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କଲେ ଉଚ୍ଚପ୍ରଶଂସା

ଭୁବନେଶ୍ୱର/ପୁରୀ, ୩୦/୧
ନ୍ୟୁଜ ବ୍ୟୁରୋ
ଶ୍ରୀମନ୍ଦିର ପ୍ରକଳ୍ପ ଲୋକାର୍ପଣ ପରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଏହି ପ୍ରକଳ୍ପର ସୁନ୍ଦର ଅନୁଭବ ଦେବା ପାଇଁ ରାଜ୍ୟ ସରକାର ସବୁ ଜିଲ୍ଲାରୁ ଭକ୍ତମାନଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ଦର୍ଶନର ବ୍ୟବସ୍ଥା କରିଛନ୍ତି। ମଙ୍ଗଳବାର ପ୍ରଥମ ଦିନରେ ୫ଟି ଜିଲ୍ଲାରୁ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ଆସି ପୁରୀରେ ପହଞ୍ଚିଥିଲେ। ଏହି ଜିଲ୍ଲାଗୁଡିକ ହେଲା – ଗଞ୍ଜାମ, ମୟୁରଭଂଜ, ବାଲେଶ୍ୱର, କଟକ ଓ କେନ୍ଦ୍ରାପଡା । ଏହିସବୁ ଜିଲ୍ଲାର ୫୦୦ଟି ପଞ୍ଚାୟତ ଓ ୱାର୍ଡରୁ ଭକ୍ତମାନେ ଆସିଥିଲେ।
ସେମାନେ ପ୍ରଥମେ ପୁରୀ ନିକଟସ୍ଥ ସମଙ୍ଗ ଠାରେ ଏକତ୍ରିତ ହୋଇଥିଲେ। ସେଠାରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଶ୍ରଦ୍ଧାଳୁମାନଙ୍କୁ ଭେଟିଥିଲେ ଏବଂ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ। ଓଡ଼ିଶାର ରୂପାନ୍ତର ପାଇଁ ତଥା ଜନସାଧାରଣଙ୍କ ସୁଖ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ କିପରି ଗୁରୁତ୍ୱ ଦେଉଛନ୍ତି, ସେ ଉପରେ ଶ୍ରୀ ପାଣ୍ଡିଆନ ଆଲୋକପାତ କରିଥିଲେ।
ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତଥା ଅନ୍ୟ ଆଧ୍ୟାତ୍ମିକ କ୍ଷେତ୍ରର ରୂପାନ୍ତର ଏବଂ ଭକ୍ତମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥାରେ ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଭି.କେ. ପାଣ୍ଡିଆନଙ୍କ ଉଚ୍ଚପ୍ରଶଂସା କରିଥିଲେ। ଭକ୍ତମାନଙ୍କୁ ସମଙ୍ଗଠାରୁ ଏକ ସ୍ୱତନ୍ତ୍ର ଫିଡର ବସ୍‌ରେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପାର୍କିଂ ଅଞ୍ଚଳ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରୁ ମନ୍ଦିର ପର୍ଯ୍ୟନ୍ତ ଯିବାର ବ୍ୟବସ୍ଥା ହୋଇଥିଲା । ମହାପ୍ରଭୁଙ୍କ ଦର୍ଶନ, ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣର ବ୍ୟବସ୍ଥା ସହିତ ସେମାନଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

ହୋଟେଲରୁ ଯବାନଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୩୦/୧ ନ୍ୟୁଜ ବ୍ୟୁରୋ
ରାଜଧାନୀର ଏକ ହୋଟେଲ ଭିତରେ ସିଆରପିଏଫ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଅଶୋକନଗରରେ ଥିବା ଏକ ହୋଟେଲରୁ ଯବାନଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତ୍ୟୁ ଘଟିଥିବା ଯବାନଙ୍କ ଘର ରାଜସ୍ଥାନ ହୋଇଥିବାବେଳେ ତାଙ୍କ ନାଁ ମିର ସିଂହ ବୋଲି ଜଣାପଡ଼ିଛି। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତରେ ସାଇଣ୍ଟିଫିକ ଟିମ୍ ନିୟୋଜିତ ହୋଇଛନ୍ତି।

କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ : ରହିଛି ୧୧ ଫ୍ଲାଟ, ୨ କୋଠା

କଟକ, ୩୦/୦୧ ନ୍ୟୁଜ ବ୍ୟୁରୋ
ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ମଙ୍ଗଳବାର ମାଲକାନଗିରି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ମାଲକାନଗିରି, ଭୁବନେଶ୍ୱର ଓ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ସମେତ ୭ଟି ସ୍ଥାନରେ ଏକା ସଙ୍ଗେ ଏହି ଚଢଉ ହୋଇଥିଲା। ସଞ୍ଜୟଙ୍କର ମାଲକାନଗିରିରେ ଥିବା ଭଡ଼ା ଘର ଓ କାର୍ଯ୍ୟାଳୟ, ଜଳେଶ୍ୱରରେ ଥିବା ପୈତୃକ ଘର, ଭୁବନେଶ୍ୱରରେ ଥିବା ଫ୍ଲାଟ୍ ଓ ପୋଖରୀପୁଟରେ ଥିବା ଶ୍ୱଶୁର ଘର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏପରିକି କନିଷ୍ଠ ଯନ୍ତ୍ରୀ ମାଲକାନଗିରିରେ ଯେଉଁ ଘରେ ଭଡ଼ାରେ ରହୁଛନ୍ତି, ତା'ର ମାଲିକଙ୍କ ଘରେ ମଧ୍ୟ ରେଡ୍ ହୋଇଥିବା ସୂଚନା ମିଳିଛି। ଆଉ ଏହି ରେଡ୍ ବେଳେ ସାମ୍ନାକୁ ଆସିଛି ଜେଇ ସଞ୍ଜୟ କୁମାର ମହାନ୍ତିଙ୍କ କଳା ଧନର ଲମ୍ବା ଚିଠା। ସୂଚନା ଅନୁଯାୟୀ, ଜେଇଙ୍କର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରରେ ଓ ଏହା ଆଖପାଖ ଅଞ୍ଚଳରେ ୧୧ଟି ଫ୍ଲାଟ ଠାବ କରିଛି ଭିଜିଲାନ୍ସ। ସେହିପରି ଜଳେଶ୍ୱରର ଦେଉଳିପଞ୍ଚୁଘାଣ୍ଟରେ ତାଙ୍କର ଗୋଟିଏ ୩ ମହଲା କୋଠା ଅଛି। ଭୁବନେଶ୍ୱରର ରଘୁନାଥପୁରରେ ଥିବା ଗ୍ରୀନ୍ ହୋମ୍‌ସ ଆପାର୍ଟମେଣ୍ଟରେ ତାଙ୍କର ଏକ ଦୁଇ ବିଏଚ୍‌କେ ଫ୍ଲାଟ ଅଛି। ଏହା ସହ ଜେଇଙ୍କ ଘରୁ ନଗଦ ୧ ଲକ୍ଷ ୪୩ ହଜାର ଟଙ୍କା ଜବତ ହୋଇଛି। ସେ ବ୍ୟାଙ୍କ, ପୋଷ୍ଟାଲ, ବୀମା ଓ ଅନ୍ୟାନ୍ୟ ସ୍ଥାନରେ ଟଙ୍କା ଜମା ରଖିଛନ୍ତି। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି (ହୋଣ୍ଡା ସିଟି) ଓ ୨ଟି ଦୁଇ ଚକିଆ ଗାଡ଼ି ଅଛି। ତେବେ ଜେଇ ସଞ୍ଜୟ କୁମାର ମହାନ୍ତିଙ୍କ ୩ ମହଲା କୋଠାଟି ୧୦ ହଜାର ବର୍ଗଫୁଟ୍ ଅଞ୍ଚଳରେ ତିଆରି ହୋଇଛି। ସେହିପରି ଭୁବନେଶ୍ୱରରେ ଥିବା ଫ୍ଲାଟ୍‌ଟି ୧୨୦୦ ବର୍ଗଫୁଟର ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଦୁଇ ଘର ସହିତ ତାଙ୍କ ଫ୍ଲାଟ୍ ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ମାପଚୁପ ଓ ହିସାବ ଜାରି ରହିଥିବା ଜଣାପଡିଛି।

ପ୍ରକାଶ ଅପେକ୍ଷାରେ ...

'କଥାକଳିକା' ଫେବୃଆରୀ -୨୦୨୪ ସଂଖ୍ୟା


ମାସିକ ଗଳ୍ପ ପତ୍ରିକା
କଥା କଳିକା
ଫେବୃଆରୀ-୨୦୨୪

ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଜିରୋନାଇଟ୍ : ମନୋଜ କୁମାର ମହାପାତ୍ର।
ସମକାଳର କଥା : ଶୋକାର୍ତ୍ତ ସମୟ-କ୍ଷୀରୋଦ ଦାସ, ରଣ ଶୁଝିବା ଦିନ- ମଧୁମିତା ମହାନ୍ତି, ରେବତୀ- ସୀମାଞ୍ଚଳ ଦାଶ, ପଞ୍ଚମ ଦୁର୍ଘଟଣା- ଦାଶରଥି ଭୂୟାଁ, ରିକ୍ସାବାଲା- ସୁଷମା ପରିଜା।
ଅନ୍ୟଭାଷାର କଥା : ଆରଣ୍ୟକ ବିଭୂତି ଭୂଷଣ - ପ୍ରଦୀପ୍ତ ଶ୍ରୀଚନ୍ଦନ।
ଯୁବ ମାନସର କଥା : ପାଉଁଜି-ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚାନ୍ଦିନୀ-ଯଶୋବନ୍ତ ସେଠୀ, ଜଟିଆ ବାବାଙ୍କ ଜଟାଛିଡା ଉପାଖ୍ୟାନ- କିଶୋରଚନ୍ଦ୍ର ଜେନା, ଦେବୀ ପକ୍ଷ- ନିରୂପମାକର, ଉଠ, ଜାଗ- ସୁନାକର ସାହୁ, ମାଳି- ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଅବ୍ୟକ୍ତ ଯନ୍ତ୍ରଣା- ପୁଷ୍ପାଞ୍ଜଳି ସାହୁ।

(ଗାହିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)